## ପନୀର ଭୁଜିଆ

ପନୀରକୁ ଶାକାହାରୀ ଭୋଜନରେ ବହୁତ ପସନ୍ଦ କରାଯାଏ । କାରଣ ଯେତେବେଳେ ବି କୌଣସି ସ୍ପେଶାଲ ଡ଼ିସ ପ୍ରସ୍ତୁତ କରାଯାଏ ସେତେବେଳେ ଆଗ ପନୀରକୁ ରଖାଯାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ଝଟପଟ ପସ୍ତୁତ ହେଉଥିବା ମସାଲାଦାର ପନୀର ଭୁଜିଆ ନେଇ ଆସିଛୁ । ତେବେ ଆସନ୍ତୁ ଜାଣିବା ଏହା ବନାଇବାର ପ୍ରସ୍ତୁତି ।

ଆବଶ୍ୟକ ସାମଗ୍ରୀ

ପନୀର-୧୦୦ଗ୍ରାମ,ଟମାଟୋ-୨ଟା,ପିଆଜ-୧ (ଛୋଟ କଟା ହୋଇଥିବା),କଞ୍ଚା ଲଙ୍କା-୨,ଅଦା-ଅଳ୍ପ ପେଶା ହୋଇଥିବା,ରସୁଣ-୨କୋଳା,ସୁଖିଲା ମସଲା,ଜିରା -୧/୪ ଚାମଚ,ହଳଦି-ଚିମୁଟାଏ,ଗରମ ମସଲା-୧/୨ ଚାମଚ,ତେଲ-ଆବଶ୍ୟକ ଅନୁଯାୟୀ,ଲୁଣ-ସ୍ୱାଦାନୁସାରେ

ପ୍ରସ୍ତୁତି ପ୍ରଣାଳୀ:

ସର୍ବ ପ୍ରଥମେ ପନୀରକୁ କଦ୍ଦୁକସ କରିଦିଅନ୍ତୁ । ତାପରେ ତେଲ କିମ୍ବା ଘିଅ ଗରମ କରନ୍ତୁ । ଏହା ପରେ ଜିରା, ପିଆଜ,କଞ୍ଚା ଲଙ୍କା,ଅଦା ଏବଂ ରସୁଣ ପକାନ୍ତୁ । ଏହା ସୁନେଲୀ ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଟମାଟୋ ପକାଇ ପାଣି ମାରି ଦିଅନ୍ତୁ । ତାପରେ ସୁଖିଲା ମସଲା ପକାଇ ଭାଜନ୍ତୁ ।ଏହା ପରେ ମସଲାରେ ପନୀର ପକାଇ ଭାଜନ୍ତୁ । ଅଳ୍ପ ଭାଜି ହେବା ପରେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ପନୀର ଭୁଜିଆ ।



..... ପରଦା ଖବର .....

## ଅନୁପମଙ୍କ ସିନେମାରେ ଭୂମିକା





ଓଲିଉଡର ଆଗଧାଡ଼ିର ନାୟିକା ଭୂମିକା ଦାଶ ଇଣ୍ଡଷ୍ଟିର ଜଣେ ସଫଳ ତଥା ପ୍ରତିଭାବାନ୍ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ନୂଆ ସିନେମାରେ ଅଭିନୟ କରୁଛନ୍ତ। ଦଶହରାକୁ ଆଖିରେ ରଖି ଅନୁପମ ପଟ୍ଟନାୟକ ଓ ବର୍ଷା ପଟ୍ଟନାୟକଙ୍କ ପ୍ରଯୋଜିତ ଛବି 'ହାସ୍ଟ୍ୟାଗ୍ ଏମ୍ଏମ୍'ରେ ନାୟିକା ହୋଇଛନ୍ତି ଭୂମିକା।ଓଲିଉଡ୍ର ଆଗଧାଡ଼ିର ନାୟିକା ଭୂମିକା ଦାଶ ଇଣ୍ଡଷ୍ଟ୍ରିର ଜଣେ ସଫଳ ତଥା ପ୍ରତିଭାବାନ୍ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ନୂଆ ସିନେମାରେ ଅଭିନୟ କରୁଛନ୍ତି। ଦଶହରାକୁ ଆଖିରେ ରଖି ଅନୁପମ ପଟ୍ଟନାୟକ ଓ ବର୍ଷା ପଟ୍ଟନାୟକଙ୍କ ପ୍ରଯୋଜିତ ଛବି 'ହାସ୍ଟ୍ୟାଗ୍ ଏମ୍ଏମ୍'ରେ ନାୟିକା ହୋଇଛନ୍ତି ଭୂମିକା। ଆଗରୁ 'ପ୍ରତୀକ୍ଷା', 'ତ୍ରିକନ୍ୟା' ଓ 'କର୍ମ' ଭଳି ଭିନ୍ନ ସ୍ୱାଦର ସିନେମା ନିର୍ଦ୍ଦେଶନା ଦେଇଥିବା ଅନୁପମ ଏଥର ପୁଣି ଏକ ଭିନ୍ନ ରୁଚିର କାହାଣୀ ନେଇ ଆସୁଛନ୍ତି। ଗତବର୍ଷ ଦଶହରାରେ ମୁକ୍ତିଲାଭ କରିଥିବା ବ୍ଲକ୍ବଷ୍ଟର୍ ମୁଭି 'କର୍ମ'ରେ ନାୟିକା ସାଜି ସୂର୍ଯ୍ୟମୟୀ ଯେଉଁଭଳି ଧମାଲ୍ କରିଥିଲେ ଏଥର ଦଶହରାରେ 'ହାସଟ୍ୟାଗ୍ ଏମ୍ଏମ୍' ଜରିଆରେ ଭୂମିକା ଅନୁରୂପ କମାଲ୍ କରିବେ ବୋଲି ଆଶା କରାଯାଉଛ। ପ୍ରଣବପ୍ରସନ୍ନ ରଥ ଓ ନିଶାନ୍ତ ମଜିଠିଆ ଏହାର ସଂଳାପ ଦାୟିତ୍ୱରେ ଥିବା ବେଳେ ଅନୁରାଗ ପଟ୍ଟନାୟକ ସ୍ୱର ସଂଯୋଜନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ତାପସ ସରଘରିଆଙ୍କ ନିର୍ଦ୍ଦେଶିତ 'ତୁ ମୋ ଲଭ୍ଷ୍ଟୋରି'(୨୦୧୭) ଜରିଆରେ କ୍ୟାରିୟର୍ ଆରମ୍ଭ କରିଥିଲେ ଭୂମିକା। ପରେ ତାପସଙ୍କ ନିର୍ଦ୍ଦେଶନାରେ ସେ 'ହିରୋ ନମ୍ବର ୱାନ୍', 'ତୁ ମୋ ଲଭ୍ଷ୍ଟୋରି ୨', 'ଟିକେ ଟିକେ ଅଚିହ୍ନା ତୁ' ଆଦି ସିନେମାରେ ବି ଅଭିନୟ କରିଛନ୍ତି। ଏଥିସହ ଭୂମିକା ଅଶୋକ ପତିଙ୍କ 'ଶ୍ରୀମାନ୍ ସୁରଦାସ' ଓ 'ମିଷ୍ଟର୍ ମଜ୍ନୁ', ସୁଧାଂଶୁମୋହନ ସାହୁଙ୍କ 'ଅପରେସନ୍ ୧୨/୧୭', ରାଜେନ୍ଦ୍ର ମହାନ୍ତଙ୍କ 'ଚକ୍ଷୁବନ୍ଧନ' ଓ ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶିତ 'ମନ ମୋ ନେଇଗଲୁରେ' ଆଦି ଫିଲ୍ମରେ କାମ କରିଛନ୍ତି।

## ପୌରାଣିକ ଅଶ୍ୱ ଉଚ୍ଚୈଶ୍ରବା



ଉଚ୍ଚୈଶ୍ରବା ଏକ ପୌରାଣିକ ଅଶ୍ୱ । ସମୁଦ୍ର ମନ୍ଥନରୁ ଏହାର ଉତ୍ପତି ହୋଇଥିଲା। ପୌରାଣିକ ମାନ୍ୟତା ଅନୁଯାୟୀ, ଉଚ୍ଚୈଶ୍ରବା ଅଶ୍ୱର ୭ଟି ମୁଖ ଥିଲା। ଅସୁର ରାଜା ବଳି ଏବଂ ଦେବରାଜ ଇନ୍ଦ୍ର ଏହି ଅଶ୍ୱର ଅଧିକାରୀ ହୋଇଥିଲେ ବୋଲି ପୁରାଣରେ ଭିନ୍ନ ଭିନ୍ନ ବର୍ଣ୍ଣନା ରହିଛି। "ଉଚ୍ଚୈଶ୍ରବା"ର ଅର୍ଥ ହେଉଛି ଯାହାର ଯଶ ଉଚ୍ଚରେ, ଯାହାର କାନ ଉର୍ଦ୍ଧ୍ୱମୁଖୀ ଏବଂ ଯିଏ ଉଚ୍ଚ ସ୍ୱରରେ ଶୁଣିଥାଏ । ଉଚ୍ଚୈଶ୍ରବା ଅଶ୍ୱର ବର୍ଣ୍ଣ ଶ୍ୱେତ ଥିଲା। ପୁରାଣରେ ବର୍ଣ୍ଣିତ ୧୪ଟି ରତ୍ନ ମଧ୍ୟରୁ ଉଚ୍ଚୈଶ୍ରବା ଅନ୍ୟତମ ଥିଲା। ସମୁଦ୍ର ମନ୍ଥନ ସମୟରେ କ୍ଷୀର ସାଗରରୁ ଏହି ୧୪ଟି ରତ୍ନ ଉତ୍ପନ୍ନ ହୋଇଥିଲେ। ଅମୃତ ଦ୍ୱାରା ଉଚ୍ଚୈଶ୍ରବାର ପୋଷଣ ହୋଇଥିଲା। ସେ ଅଶ୍ୱମାନଙ୍କର ରାଜା । ସମୁଦ୍ର ମନ୍ଥନରୁ ଉଚ୍ଚୈଶ୍ରବା ଅଶ୍ୱ ବ୍ୟତୀତ ଦେବୀ ଲକ୍ଷ୍ମୀ ଏବଂ ଚନ୍ଦ୍ରମାଙ୍କ ଉତ୍ପତି ମଧ୍ୟ ହୋଇଥିଲା। ଲକ୍ଷ୍ମୀଙ୍କ ପରେ ଉଚ୍ଚୈଶ୍ରବା ଅଶ୍ୱର ଉତ୍ପତ୍ତି ହେଲା। ଉଚ୍ଚୈଶ୍ରବା ଅଶ୍ୱ ପରେ ସମୁଦ୍ର ଗର୍ଭରୁ କୌସ୍ତୁଭ ମଣି ବାହାରିଥିଲା। ଏହି ମଣି ଭଗବାନ ବିଷ୍ଣୁଙ୍କ ହୃଦୟରେ ଶୋଭା ପାଇଥିଲା। ଉଚ୍ଚୈଶ୍ରବା ବ୍ୟତୀତ ସମୁଦ୍ର ମନ୍ଥନରୁ ଐରାବତ ହାତୀର ମଧ୍ୟ ଉତ୍ପତ୍ତି ହୋଇଥିଲା। ଯାହାର ଅଧିକାରୀ ହୋଇଥିଲେ ଦେବରାଜ ଇନ୍ଦ୍ର ।

## ଶ୍ରୀଜଗନ୍ନାଥଙ୍କ ଚକ୍ର

ଶ୍ରୀଜଗନ୍ନାଥଙ୍କ ଚକ୍ର

ଜଗନ୍ନାଥଙ୍କୁ ଅନେକ ଚକ୍ରୀ ବୋଲି କୁହାଯାଏ। କାରଣ ସେ ସଦାସର୍ବଦା ଚକ୍ର ଧାରଣ କରିଥାନ୍ତି। ବାମନ ପୁରାଣରେ ବର୍ଣ୍ଣନା କରାଯାଇଛି ଯେ, ଦୁର୍ଦ୍ଦାନ୍ତ ଅସୁରମାନଙ୍କୁ ନିପାତ କରିବା ପାଇଁ ଏକ ବିଶେଷ ଶକ୍ତି ଦରକାର ବୋଲି ବିଷ୍ଣୁ ସବୁ ଦେବତାଙ୍କୁ ଜଣାଇଥିଲେ । ଫଳରେ ଦେବତାମାନେ ମିଶି ନିଜ ନିଜର ଶକ୍ତିଙ୍କୁ ଏକତ୍ରିତ କରି ଯେଉଁ ଆୟୁଧକୁ ସୃଷ୍ଟି କରିଥିଲେ ତାହାର ନାମ ଥିଲା ଚକ୍ରୀ। କିନ୍ତୁ ମତ୍ସ୍ୟ ପୁରାଣର ବର୍ଣ୍ଣନା ଅନୁସାରେ ସୂର୍ଯ୍ୟ ଦେବତା ନିଜର ତେଜ ଶକ୍ତିକୁ କିଛି ପ୍ରଶମିତ କରିବା ପାଇଁ ବିଷ୍ଣୁଙ୍କୁ ଆରାଧନା କରିଥିଲେ।



ତେଣୁ ବିଷ୍ଣୁ ସୂର୍ଯ୍ୟଙ୍କର ତେଜକୁ କିଛି ପ୍ରଶମିତ କରିଥିଲେ। ସେଥିରୁ ଯେଉଁ ଶକ୍ତି ସୂର୍ଯ୍ୟ ବାହାର କରିଥିଲେ ତାକୁ ୩ ଭାଗରେ ବିଭକ୍ତ କରି ଗୋଟିଏ ଭାଗକୁ ସୁଦର୍ଶନ ଚକ୍ର କରି ବିଷ୍ଣୁଙ୍କୁ ଦେଲେ, ଆଉ ଗୋଟିଏ ଅଂଶକୁ ତ୍ରିଶୂଳ ରୂପ ଦେଇ ରୁଦ୍ରଙ୍କୁ ଏବଂ ଆଉ ଗୋଟିଏ ଅଂଶକୁ ବଜ୍ରରୂପ ଦେଇ ଇନ୍ଦ୍ରଙ୍କ ହାତରେ ଅର୍ପଣ କରିଥିଲେ। ତେଣୁ ଏହିଠାରୁ ସୁଦର୍ଶନ ଚକ୍ର ଆର୍ବିଭୂତ ହୋଇଥିଲା। ଏହି ଚକ୍ର, ବିଷ୍ଣୁଙ୍କ ନିର୍ଦ୍ଦେଶକୁ କେବେ ଅବମାନନା କରେ ନାହିଁ। ଏଥିରେ ସମସ୍ତ ପାପରାଶି, ଆସୁରିକ ପ୍ରକୃତି ଓ ସମସ୍ତ ବିଘ୍ନ ବିନାଶ ହୋଇଥାଏ। ଏହା ସର୍ବଶକ୍ତିମାନ ଆୟୁଧ ଯାହା ଜଗନ୍ନାଥଙ୍କ ବାମ ପାଖରେ ପୂଜା ପାଇଥାନ୍ତି। ଜଗନ୍ନାଥ ସଂସ୍କୃତି ଓ ପରମ୍ପରାରେ ସୁଦର୍ଶନ ଚକ୍ରର ବିଶେଷ ମହତ୍ତ୍ୱ ରହିଛି । ଏହା ଶ୍ରୀଜିଉଙ୍କ ଅବିଚ୍ଛେଦ୍ୟ ଅଂଶ ।

## କେଉଁଠି ରହିଛି ସବୁଠୁ ବଡ ହିନ୍ଦୁ ମନ୍ଦିର

କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭାରତରେ ଅନେକ ବଡ ବଡ ମନ୍ଦିର ଅଛି । ପ୍ରତ୍ୟେକ ମନ୍ଦିରର ଭିନ୍ନ କାହାଣୀ ରହିଛି। ବହୁମୂଲ୍ୟ ରତ୍ନ ବହୁ ମନ୍ଦିରରେ ସଜ୍ଜିତ ହୋଇଛି । କିଛି ମନ୍ଦିର ଭକ୍ତଙ୍କୁ ଆକର୍ଷିତ କରିଥାଏ। କିନ୍ତୁ, ଆପଣ ଜାଣନ୍ତି କି, ବିଶ୍ୱର ସବୁଠାରୁ ବଡ ମନ୍ଦିର ଭାରତରେ ନୁହେଁ, ଅନ୍ୟ ଦେଶରେ ଅଛି। ହଁ, ଏହା ଶୁଣିବା ଆଶ୍ଚର୍ଯ୍ୟଜନକ କିନ୍ତୁ କୁହାଯାଏ ଯେ ସବୁଠାରୁ ବଡ ହିନ୍ଦୁ ମନ୍ଦିର ଭାରତ ବାହାରେ ରହିଛି ।ଏଭଳି ପରିସ୍ଥିତିରେ ଏକ ପ୍ରଶ୍ନ ଉଠିଛି ଯେ କେଉଁ ଦେଶରେ ସବୁଠାରୁ ବଡ ହିନ୍ଦୁ ମନ୍ଦିର ଅଛି ? ଏହି ମନ୍ଦିରର ବିଶେଷ କାହାଣୀ କ'ଣ? ଏହା ବ୍ୟତୀତ ଲୋକମାନେ ଜାଣିବାକୁ ଚାହାଁନ୍ତି ଯେ କେଉଁ କାରଣରୁ ଏହି ଦେଶରେ ଏତେ ବଡ ହିନ୍ଦୁ ମନ୍ଦିର ନିର୍ମାଣ କରାଯାଇଛି। ତେବେ ଆସନ୍ତୁ ଜାଣିବା ଏହା ସହ ଜଡିତ କିଛି ବିଶେଷ ଜିନିଷ

ଏହି ମନ୍ଦିର କେଉଁଠାରେ ଅଛି ?

ଦୁନିଆର ସବୁଠାରୁ ବଡ ମନ୍ଦିର କାମ୍ବୋଡିଆରେ ଅଛି । ଏହା ଅଙ୍ଗକୋର ୱାଟ ମନ୍ଦିର ନାମରେ ଜଣାଶୁଣା, କାରଣ ଏହି ମନ୍ଦିର କାମ୍ବୋଡିଆର ଅଙ୍ଗକୋର ନଗରରେ ନିର୍ମିତ ହୋଇଥିଲା । ଏହି ମନ୍ଦିର ବିଷୟରେ ବିଶେଷ କଥା ହେଉଛି ଏହି ମନ୍ଦିରକୁ ୟୁନେସ୍କୋର



ବିଶ୍ୱ ଐତିହ୍ୟ ସ୍ଥଳ ଭାବରେ ମାନ୍ୟତା ଦେଇଛି। ଏହା ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ହୋଇଥିଲା ଏବଂ ସୂର୍ଯ୍ୟବର୍ମନ ଦ୍ୱିତୀୟଙ୍କ ଦ୍ୱାରା ନିର୍ମିତ ହୋଇଥିଲା ।ଏହି ମନ୍ଦିର କେତେ ବଡ଼ ?

ଏହା ସବୁଠାରୁ ବଡ ବୋଲି କହିବା। ତେବେ ଏହି ମନ୍ଦିର ହଜାର ହଜାର ବର୍ଗ ମାଇଲ ଉପରେ ବ୍ୟାପିଛି । ରିପୋର୍ଟ ଅନୁଯାୟୀ, ଏହା ୬୨୦ ଏକର କିମ୍ବା ୧୬୨.୬ ହେକ୍ଟର ଉପରେ ବ୍ୟାପିଛି ।ଏହି ମନ୍ଦିର ମଧ୍ୟ କାମ୍ବୋଡିଆର ଜାତୀୟ ପ୍ରତୀକ । ମନ୍ଦିରରେ ସମୁଦାୟ ୯ ଶିଖର ଅଛି। ମନ୍ଦିରର କାନ୍ଥରେ ହିନ୍ଦୁ ଶାସ୍ତ୍ରର ଅନେକ ମୂର୍ତ୍ତି ଏବଂ ଦୃଶ୍ୟ ଦେଖିବାକୁ ମିଳେ । ଏହାର ଅନେକ ଫଟୋ ୟୁନେସ୍କୋର ୱେବସାଇଟରେ ମଧ୍ୟ ଉପଲବ୍ଧ ।ଅନେକ ରିପୋର୍ଟରେ କୁହାଯାଇଛି ଯେ ଏହା ପୂର୍ବରୁ ଏକ ହିନ୍ଦୁ ମନ୍ଦିର ଭାବରେ ବ୍ୟବହୃତ ହୋଇଥିଲା। କିନ୍ତୁ ପରେ ଏହାକୁ ବୁଦ୍ଧ ଭିକ୍ଷୁମାନେ ଗ୍ରହଣ କରିଥିଲେ। ନ୍ୟାସନାଲ୍ ଜିଓଗ୍ରାଫିକ୍ ରିପୋର୍ଟ ଅନୁଯାୟୀ, କାମ୍ବୋଡିଆର ସମସ୍ତ ମନ୍ଦିର ମଧ୍ୟରୁ ଅଙ୍ଗକୋର ୱାଟ ସବୁଠାରୁ ପ୍ରସିଦ୍ଧ ଅଟେ। ଏହା ଦ୍ୱାଦଶ ଶତାବ୍ଦୀରେ ହିନ୍ଦୁ ଦେବତା ବିଷ୍ଣୁଙ୍କୁ ପୂଜା କରିବା ପାଇଁ ନିର୍ମିତ ହୋଇଥିଲା।

## ସୁନ୍ଦର ଓଠର ରହସ୍ୟ

ଓଠର ମେକପଅ ହିଁ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରି ଦେଇଥାଏ। ଏହାସହ ଆପଣଙ୍କୁ ଏକ ଆକର୍ଷଣୀୟ ଲୁକ ମଧ୍ୟ ଦେଇଥାଏ। ଓଠର ମେକପାଇଁ ଲିପଷ୍ଟିକ, ଲିପ ଲାଇନର,ଗ୍ଲସ ଆଦିର ବ୍ୟବହାର କରାଯାଇଥାଏ। ନିଜର ମୁହଁର ରଙ୍ଗ ଅନୁଯାୟୀ ଆପଣ ଲିପଷ୍ଟକ ବାଛି ଲଗାଇବା ଆବଶ୍ୟକ। ଲିପଷ୍ଟିକ ମୁହଁର ସୌନ୍ଦର୍ଯ୍ୟ ବଢାଇବା ସହ ଏହାର ବହୁ ଉପକାରିତା ଗୁଣ ମଧ୍ୟ ରହିଛି। ଆସନ୍ତୁ ଜାଣିବା:

- ସୂର୍ଯ୍ୟକିରଣରୁ ଏହା ଓଠକୁ ରକ୍ଷା କରିବା ସହ ଓଠକୁ କୋମଳ କରିଥାଏ।
- ସଠିକ ରଙ୍ଗର ଲିପଷ୍ଟିକ ବାଛି ଲଗାଇଲେ ଆପଣଙ୍କ ସୌନ୍ଦର୍ଯ୍ୟ ବଢିଯାଏ।
- ଲିପଷ୍ଟିକ ଲଗାଉଥିବା ମହିଳାମାନେ ଅଧିକ ଆତ୍ମବିଶ୍ୱାସୀ ଓ ଧୈର୍ଯ୍ୟବାନ ବୋଲି ମଧ୍ୟ ଏକ ଗବେଷଣାରୁ ଜଣାପଡ଼ିଛି।
- ଏହା ମସ୍ତିଷ୍କକୁ ଶାନ୍ତ ରଖିବା ସହ ମହିଳାଙ୍କୁ ସଶକ୍ତ କରିଥାଏ। ଫଳରେ କଠିନ ପରିସ୍ଥିତିରେ ମଧ୍ୟ ସାହସର ସହ କାର୍ଯ୍ୟ କରିଥାଆନ୍ତି।
- ନିଜର ପୋଷାକ ସହ ଲିପଷ୍ଟିକ ରଙ୍ଗ ମ୍ୟାଚ କରି ଲଗାଇବା ଦ୍ୱାରା ଆପଣଙ୍କ ଭିନ୍ନ ଲୁକ ଓ ସୁନ୍ଦରତା ବଢିଯାଏ।

ଜାଣନ୍ତୁ ଲିପଷ୍ଟିକ ଚୟନ କରିବେ କିପରି......

- ଯଦି ଆପଣଙ୍କ ମୁହଁର ରଙ୍ଗ ଗୋରା ତେବେ ଆପଣ ସମସ୍ତ ରଙ୍ଗର ଲିପଷ୍ଟିକ ଲଗାଇ ପାରିବେ। ମାତ୍ର କୌଣସି ପୂଜାପର୍ବ, ବିବାହ ଭୋଜି ଭଳି ସ୍ୱତନ୍ତ୍ର ସମୟରେ ଲାଲ, କମଳା, ପିଚ୍ , ଗୋଲାପି ଆଦି ରଙ୍ଗର ଲିପଷ୍ଟିକ ଲଗାଇବା ଦ୍ୱାରା ଆପଣଙ୍କ ସୁନ୍ଦରତା ଦୁଇଗୁଣ ବଢିଯାଏ।



- ସାଧାରଣତଃ ଖରା ସମୟରେ ବାହାରକୁ ଗଲେ ପିଚ୍ , ହାଲକା ଗୋଲାପି ରଙ୍ଗର ଲିପଷ୍ଟିକ ବ୍ୟବହାର କରନ୍ତୁ।
- ସନ୍ଧ୍ୟା ସମୟରେ ବାହାରକୁ ଗଲେ ଲାଲ, ଚେରି ରଙ୍ଗ, ଜାମୁକୋଳି ରଙ୍ଗର ଲିପଷ୍ଟିକ ବ୍ୟବହାର କରନ୍ତୁ। ଏହା ଦ୍ୱାରା ମୁହଁ ଖୁବ ସୁନ୍ଦର ଦେଖାଯାଏ।
- ଆପଣଙ୍କ ମୁହଁର ରଙ୍ଗ ଯଦି ଅଳ୍ପ ଗୋରା ତେବେ ଦିନ ସମୟରେ କମଳା ରଙ୍ଗ, ଡ଼ିପ ବ୍ରାଉନ ଏଭଳି ରଙ୍ଗ ଲଗାନ୍ତୁ। ସନ୍ଧ୍ୟା ସମୟରେ ଅଳ୍ପ ଲାଲ, ମେରୁନ ଆଦି ରଙ୍ଗ ଲଗାନ୍ତୁ।
- ଲିପଷ୍ଟିକ୍ ଲଗାଇବା ପୂର୍ବରୁ ଲିପ୍ ଲାଇନର ନିଶ୍ଚୟ ଲଗାନ୍ତୁ। ଏପରି କରିବା ଦ୍ୱାରା ଓଠକୁ ଏକ ନିର୍ଦ୍ଦିଷ୍ଟ ଆକାର ମିଳିଥାଏ। ଲିପଷ୍ଟିକ୍ ଲଗାଇବା ପରେ ଓଠ ସହ ମୁହଁ ଖୁବ ସୁନ୍ଦର ଦେଖାଯାଏ।

ଆପଣଙ୍କ ମୁହଁକୁ ମ୍ୟାଚ୍ କରିବା ଭଳି ଲିପଷ୍ଟିକ୍ ରଙ୍ଗ ଚୟନ କରନ୍ତୁ।

# ରଥଯାତ୍ରା ଦଳାଚକଟା ଘଟଣାରେ କଂଗ୍ରେସର ବିକ୍ଷୋଭ

**ଭୁବନେଶ୍ୱର, ୨୯।୬ (ମହାଭାରତ):** ଆଜି ରାଜ୍ୟ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସ କର୍ମୀମାନେ ଏଜି ଛକ ଠାରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୁରୀ ରଥଯାତ୍ରା ପରିଚାଳନରେ ମହା ବିଫଳତା, ପରବର୍ତ୍ତୀ ପର୍ଯ୍ୟାୟରେ ଦଳାଚକଟା ଏବଂ ମୃତାହତ ପାଇଁ ଦାୟୀ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିଲା। ସେଠାରେ ଅଧଘଣ୍ଟା ପର୍ଯ୍ୟନ୍ତ ଧସ୍ତାଧସ୍ତି ହେବା ପରେ ଯୁବକଂଗ୍ରେସର ନେତୃବର୍ଗ ଓ କର୍ମୀମାନଙ୍କୁ ପୋଲିସ ଭ୍ୟାନ ଯୋଗେ ଉଠାଇ ନେଇଥିଲା।

ଏହି ଅବସରରେ ପ୍ରଦେଶ ଯୁବକଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର ମହାପ୍ରଭୁ ଜଗନ୍ନାଥଙ୍କର ରଥଯାତ୍ରା ପରିଚାଳନାକୁ ସଂପୂର୍ଣ୍ଣ ଖାମଖିଆଲି ଢ଼ଙ୍ଗରେ କରିଛନ୍ତି। ରଥଯାତ୍ରାର ସୁପରିଚାଳନା ପାଇଁ ୨୭୫ ଟିଏଆଇ କ୍ୟାମେରା ଏବଂ ୧୦ ହଜାର ପୋଲିସ ଆୟୋଜନ କରାଯାଇଥିଲା ମାତ୍ର ଫଳ ଶୂନ। କ'ଣ ପାଇଁ ରଥଯାତ୍ରା ପରିଚାଳନା କମିଟି କରାଗଲା ନାହିଁ ବୋଲି ଶ୍ରୀ ପାତ୍ର ପ୍ରଶ୍ନ କରିଛନ୍ତି। ଆଇନ ବିଭାଗତରଫରୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧକ୍ଷତାରେ ଏକ ତଦାରଖ ଏବଂ ମାର୍ଗଦର୍ଶନ କମିଟି ଗଠନ ହେଲା। ଯାହା ଘଟିଛି ତାକୁ ଏବେ ସମସ୍ତେ ଦେଖୁଛନ୍ତି। କାଲି ସେଠାରେ ଭକ୍ତଙ୍କର ବହୁ ଭିଡ଼ ଲାଗିଥିଲେ ବି ପ୍ରଶାସନ ସଜାଗ ନଥିଲା। ହଠାତ ମହାପ୍ରଭୁଙ୍କ ପହଡ଼ ବିନା ସୂଚନାରେ ଖୋଲିଦେଲା ପରେ ଗତକାଲି ବିଳମ୍ବିତ ରାତିରେ ଦଳାଚକଟାରେ ତିନିଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ୫୦ ରୁ ଉର୍ଦ୍ଧ୍ୱ ଭକ୍ତ ଆହତ ହୋଇଛନ୍ତି। ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ପାସ ବିଜେପିର ଦଳୀୟ କର୍ମୀଙ୍କୁ ବାଣ୍ଟି ଦିଆଯାଇଛି। ଏହି ଘୋଷ ଯାତ୍ରା ସାଧାରଣ ଭକ୍ତଙ୍କ ପାଇଁ ଉଦ୍ଦିଷ୍ଟ ନଥିଲା ଏହା କେବଳ ବିଜେପି ଦଳ ଏବଂ କର୍ମୀମାନଙ୍କ ପାଇଁ ଉଦ୍ଦିଷ୍ଟଥିଲା ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ମହାପ୍ରଭୁଙ୍କ ରଥ ସିଂହ ଦ୍ୱାରା ନିକଟରେ ଅଟକାଇ ଦିଆଗଲା। ଗୌତମ ଆଦାନୀ ରଥ ଟଣାରେ ସାମିଲ ହେବେ ବୋଲି ଜଗନ୍ନାଥଙ୍କୁ ବାଟରେ ଅଟକାଇ ଦେବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ପାତ୍ର ଅଭିଯୋଗ କରିଛନ୍ତି।

କଂଗ୍ରେସ ଦଳ ପକ୍ଷରୁ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଓ ଆହତଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଦାବି କରାଯାଇଛି।

ରଥଯାତ୍ରାରେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଡିଜିପୋଲିସ ଓ ସମୁଦାୟ ପ୍ରଶାସନ ଉପସ୍ଥିତ ଥିବାବେଳେ ଭକ୍ତ ମାନଙ୍କୁ ଚରମ ଅବ୍ୟବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଲା। ଭକ୍ତମାନେ ମୋହନ ସରକାରର ଏ ଅବ୍ୟବସ୍ଥା ପ୍ରତି ଚରମ ଅସନ୍ତୋଷ ପ୍ରକଟ କରିଛନ୍ତି। ରଥଯାତ୍ରାର ପରିଚାଳନାକୁ ସରକାର ଗୁରୁତ୍ୱର ସହ ନେଇନାହାନ୍ତି। ଫଳସ୍ୱରୂପ ନିରୀହ ଭକ୍ତମାନଙ୍କର ଜୀବନ ଗଲା ଏବଂ ବହୁଭକ୍ତ ମାନେ ଗୁରୁତର ଭାବେ ଆହତ ହୋଇଛନ୍ତି। ରଥଯାତ୍ରା ଦିନ ସାମ୍ବାଦିକ ମାନଙ୍କୁ ମଧ ପୋଲିସ ମରଣାନ୍ତକ ଆକ୍ରମଣ କରିଛନ୍ତି। ସୁତରାଂ ଏଭଳି ଅବ୍ୟବସ୍ଥା ସାରା ବିଶ୍ୱର ଜଗନ୍ନାଥ ପ୍ରେମୀ ଭକ୍ତମାନଙ୍କ ଆବେଗକୁ ଆଘାତ ଦେଇଛି। ଜଗନ୍ନାଥଙ୍କ ପ୍ରତି ଏ ସରକାରଙ୍କର ଆଚରଣ ଦୁଃଖଦାୟକ। ତେଣୁ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବାକୁ ଯୁବକଂଗ୍ରେସ ଦାବିକରିଛି।

# ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ : ବିଜେଡି

**ଭୁବନେଶ୍ୱର, ୨୦।୬ (ମହାଭାରତ) :** ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି ଏବଂ ମହିଳା ଓ ଶିଶୁମାନେ ଅସୁରକ୍ଷିତ ହୋଇପଡିଛନ୍ତି ବୋଲି ଅଭିଯୋଗ କରି ଆଜି ବିଜୁ ଜନତା ଦଳ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି। ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ତଥା ବିଧାୟିକା ପ୍ରମିଳା ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦିକା ସ୍ନେହାଙ୍ଗିନୀ ଛୁରିଆ, ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁ, ବରିଷ୍ଠ ସାଧାରଣ ସମ୍ପାଦିକା ରାଜଶ୍ରୀ ମଲ୍ଲିକ, ସାଧାରଣ ସମ୍ପାଦିକା ଶର୍ମିଷ୍ଠା ସେଠୀ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଗତ ଏକ ବର୍ଷରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ରାଜ୍ୟ ସରକାର ମହିଳା ଓ ଶିଶୁଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହିଥିଲେ। ଅଧିକ ଅପରାଧ ଘଟୁଥିବା ରାଜ୍ୟ ମାନଙ୍କ ତାଲିକାରେ, ଓଡିଶା ଅଷ୍ଟମ ସ୍ଥାନ ହାସଲ କରିଛି ଓ ପ୍ରଥମ ଦଶଟି ରାଜ୍ୟ ମଧ୍ୟରେ ଆଠଟି ବିଜେପି ଶାସିତ ରାଜ୍ୟ ରହିଛି। ଶ୍ରୀମତୀ ପ୍ରମିଳା ମଲ୍ଲିକ କହିଥିଲେ, ବିଜେପି ରାଜ୍ୟବାସୀଙ୍କୁ ଅନେକ ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିବା ପରେ, ରାଜ୍ୟକୁ ସୁଶାସନ ପ୍ରଦାନ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ କେବଳ ଲୋକଙ୍କୁ ଭ୍ରମିତ କରିବା ଲକ୍ଷ୍ୟରେ ପ୍ରଚାର ପ୍ରସାରରେ ମାତିଛନ୍ତି। ରାଜ୍ୟରେ ନାରୀ ନିର୍ଯାତନା ଅହେତୁକ ବୃଦ୍ଧି ପାଇଛିଯ ପ୍ରଧାନମନ୍ତ୍ରୀ ବାରମ୍ବାର ରାଜ୍ୟକୁ ଆସୁଛନ୍ତି ଓ ପ୍ରଧାନମନ୍ତ୍ରୀଙ୍କ ଆଗମନ ପୂର୍ବରୁ ଓ ପ୍ରଧାନମନ୍ତ୍ରୀଙ୍କ ରାଜ୍ୟରେ ଉପସ୍ଥିତି ସମୟରେ ଜଘନ୍ୟ ଅପରାଧ ମାନ ଘଟୁଛି। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ପରେ ପ୍ରଧାନମନ୍ତ୍ରୀ ଓଡିଶାକୁ ଆସିଥିଲେ ଭଲ ହୋଇଥାନ୍ତା। ରାଜ୍ୟର ଆଇନ ଶୃଙ୍ଖଳାର ସ୍ଥିତିକୁ ପ୍ରଧାନମନ୍ତ୍ରୀ ସମୀକ୍ଷା କରନ୍ତୁ। ଆଇନ ଶୃଙ୍ଖଳା ପରିସ୍ଥିତିରେ କିପରି ସୁଧାର ଆସିବ, ସେଥିପାଇଁ ପଦକ୍ଷେପ ନିଅନ୍ତୁ। ପ୍ରଧାନମନ୍ତ୍ରୀ ଆସିବେ ଆଉ ଯିବେ, କିନ୍ତୁ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ଯେଉଁଠିକୁ ସେଇଠି ରହିବ। ରାଜ୍ୟରେ ମହିଳା ଓ ଶିଶୁମାନଙ୍କ ପ୍ରତି ଅପରାଧ ବଢ଼ି ବଢ଼ି ଚାଲିଛି, କିନ୍ତୁ ରାଜ୍ୟ ସରକାର ମିଛ ସଫଳତାର ପ୍ରଚାରରେ ମାତିଛନ୍ତି। ବିଜେପିର ଓଡ଼ିଆ ଅସ୍ମିତା ସ୍ଲୋଗାନ୍ ପ୍ରହସନରେ ପରିଣତ ହୋଇଛି। ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ରାଜ୍ୟ ସରକାର ଏକ ବର୍ଷ ପୂର୍ତ୍ତି ସଫଳତାକୁ ପ୍ରଚାର କରିବା ପାଇଁ ବର୍ଷ ଏକ ଉପଲବ୍ଧ ଅନେକ ସ୍ଲୋଗାନ୍ ଦେଉଛନ୍ତି। ଅପରାଧ ପ୍ରବଣ ରାଜ୍ୟ ମାନଙ୍କ ଭିତରେ ଓଡିଶା ଅଷ୍ଟମ ସ୍ଥାନ ହାସଲ କରିବା ନିଶ୍ଚିତ ଭାବେ ରାଜ୍ୟ ବିଜେପି ସରକାରଙ୍କ ଏକ ଉପଲବ୍ଧ ବୋଲି କହି କଟାକ୍ଷ କରିଥିଲେ ଶ୍ରୀମତୀ ଛୁରିଆ। ଏହି ତାଲିକାରେ, ପ୍ରଥମ ଦଶଟି ରାଜ୍ୟ ମଧ୍ୟରେ ଆଠଟି ବିଜେପି ଶାସିତ ରାଜ୍ୟ ରହିଛି। ଗତ ଏକ ବର୍ଷରେ, ରାଜ୍ୟରେ ଦୁଷ୍କର୍ମ, ଅପହରଣ, ହତ୍ୟା ଇତ୍ୟାଦି ଉଦବେଗଜନକ ଭାବେ ବୃଦ୍ଧି ପାଇଛି। ବିଧାନସଭାରେ ସରକାର ଦେଇଥିବା ତଥ୍ୟ ଅନୁଯାୟୀ ଗତ ଏକ ବର୍ଷରେ ରାଜ୍ୟରେ ୩୦୫୪ରୁ ଉର୍ଦ୍ଧ୍ୱ ଦୁଷ୍କର୍ମ ହୋଇଛି। ରାଜ୍ୟରେ ମହିଳା ଓ ଶିଶୁ କେତେ ଅସୁରକ୍ଷିତ, ଏହି ତଥ୍ୟରୁ ସ୍ପଷ୍ଟ ଅନୁମେୟ।

# ପୁରୀ ବେଳାଭୂମିରେ ଲାଇଫ ଗାର୍ଡଙ୍କୁ ଆଦାନୀଙ୍କ ପ୍ରଶଂସା

**ପୁରୀ, ୨୯।୬ (ମହାଭାରତ) :** ପୁରୀର ସମୁଦ୍ର ଏବଂ ଏହାର ବେଳାଭୂମି କେବଳ ପର୍ଯ୍ୟଟନ ପାଇଁ ନୁହେଁ, ବରଂ ପରମ୍ପରା ଏବଂ ସେବାର ଏକ ଉଦାହରଣ। ଏଠାରେ, ନୋଳିଆ ସମ୍ପ୍ରଦାୟର ଲୋକମାନେ ଗତ ଶହେ ବର୍ଷ ଧରି ସମୁଦ୍ରରେ ସ୍ନାନ କରିବାକୁ ଆସୁଥିବା ଲୋକଙ୍କ ଜୀବନ ରକ୍ଷା ପାଇଁ କାର୍ଯ୍ୟ କରିଆସୁଛନ୍ତି। ଆଦାନୀଗ୍ରୁପ ପକ୍ଷରୁ ପୁରୀରେ ରଥଯାତ୍ରା ସମୟରେ ପ୍ରଦାନ କରାଯାଉଥିବା ପ୍ରସାଦ ସେବା କାର୍ଯ୍ୟକ୍ରମରେ ସାମିଲ ହେବା ଅବସରରେ ଆଦାନୀ ଗ୍ରୁପର ଅଧକ୍ଷ ଗୌତମ ଆଦାନୀ ନୋଳିଆ ଲାଇଫଗାର୍ଡମାନଙ୍କୁ ଭେଟିଥିଲେ। ସେ କେବଳ ସେମାନଙ୍କୁ ପ୍ରଶଂସା କରିନଥିଲେ, ବରଂ ସେମାନଙ୍କୁ ସାହାଯ୍ୟ ମଧ କରିଥିଲେ।



ନୋଳିଆ ସମ୍ପ୍ରଦାୟ ହେଉଛନ୍ତି ପୁରୀର ପାରମ୍ପରିକ ମତ୍ସ୍ୟଜୀବୀ ଏବଂ ପ୍ରକୃତ ରକ୍ଷକଯ ବର୍ଷ ବର୍ଷ ଧରି, ଏମାନେ ପର୍ଯ୍ୟଟକ ଏବଂ ଭକ୍ତମାନଙ୍କୁ ସମୁଦ୍ରରେ ବୁଡ଼ିବାରୁ ରକ୍ଷା କରିଆସୁଛନ୍ତି। ଆଜି, ପୁରୀରେ ୪୫୦ ରୁ ଅଧିକ ନୋଳିଆ ଲାଇଫଗାର୍ଡ ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ଏହି ଏମାନେ ବିଭିନ୍ନ ଗୋଷ୍ଠୀରେ କାମ କରୁଥିଲେ। କିନ୍ତୁ ବର୍ତ୍ତମାନ ସେମାନେ ଛଅଟି ସଂଗଠନ ସହିତ 'ପୁରୀ ବିଚ୍ ଲାଇଫଗାର୍ଡ ମହାସଂଘ' ଅଧୀନରେ ଏକତ୍ରିତ ହୋଇଛନ୍ତି। ବେଳାଭୂମି ରେ ସେମାନେ ଉପସ୍ଥିତ ରହି ପ୍ରତିଦିନ ହଜାର ହଜାର ଲୋକଙ୍କୁ ସୁରକ୍ଷା ଯୋଗାଇ ଦେଇଆସୁଛନ୍ତି।

ଗୌତମ ଆଦାନୀ ନୋଳିଆ ମାନଙ୍କୁ ଭେଟିବା ସମୟରେ ସେମାନେ ଅନେକ ସମୟରେ ଉପଯୁକ୍ତ ତାଲିମ ଏବଂ ଆବଶ୍ୟକୀୟ ଉପକରଣ ବିନାକାମ କରୁଥିବା ଜଣାଇ ଥିଲେ। ଗୌତମ ଆଦାନୀଏହି ସାହସୀ ଲାଇଫଗାର୍ଡ ମାନଙ୍କୁ କଥା ଶୁଣିଥିଲେ ଏବଂ ସାହାଯ୍ୟ କରିବାର ଆଶ୍ୱାସନା ଦେଇଥିଲେ।

ଆଦାନୀ ଗ୍ରୁପ୍ ଦ୍ୱାରା ଲାଇଫଗାର୍ଡମାନଙ୍କୁ ଲାଇଫ ଜ୍ୟାକେଟ୍, ଦଉଡି, ଟର୍ଚ୍ଚ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ପ୍ରଦାନ କରାଯାଇଥିଲା। ଏହା ସହିତ, ପୌରପାଳିକାର ସଫେଇ କର୍ମଚାରୀମାନଙ୍କୁ ଫ୍ଲୋରୋସେଣ୍ଟ ସୁରକ୍ଷା ଜ୍ୟାକେଟ୍ ଏବଂ ଅନ୍ୟାନ୍ୟ ଜିନିଷ ପ୍ରଦାନ କରାଯାଇଛି। ପୁରୀର ଲାଇଫଗାର୍ଡମାନଙ୍କୁ ସାହାଯ୍ୟ କରିବା ପାଇଁ ପଦକ୍ଷେପ ନେବାରେ ଆଦାନୀ ହେଉଛି ପ୍ରଥମସଂସ୍ଥାଯ ଏହି ପଦକ୍ଷେପ କେବଳ ସୁରକ୍ଷା ନୁହେଁ ବରଂ ସେବା ଏବଂ ସମ୍ବେଦନଶୀଳତାର ଏକ ପ୍ରତୀକ।

ଗୌତମ ଆଦାନୀ କହିଛନ୍ତି, ପୁରୀର ନୋଳିଆ। ଲାଇଫଗାର୍ଡମାନେ ବହୁତ କଠିନ ପରିଶ୍ରମ ଏବଂ ସେବା ମନୋଭାବ ସହିତ କାମ କରନ୍ତି। ଆମେ ସେମାନଙ୍କ ସୁରକ୍ଷା ଏବଂ ସୁବିଧା ପାଇଁ ସର୍ବଦା ସେମାନଙ୍କ ସହିତ ରହିଛୁ।

ସମସ୍ତ ନୋଳିଆ ଲାଇଫଗାର୍ଡଙ୍କ ସେବା କାର୍ଯ୍ୟପାଇଁ ପୁରୀର ବେଳାଭୂମି ଆଜି ସୁରକ୍ଷିତ ଏବଂ ସୁନ୍ଦର ହୋଇପାରିଛି। ଏହା ହେଉଛି ସେମାନଙ୍କର ସେବା ଏବଂ ସମ୍ମାନର ଏକ ଜ୍ୱଳନ୍ତ ଉଦାହରଣଯ ଗୌତମ ଆଦାନୀଙ୍କ ପଦକ୍ଷେପ ସେମାନଙ୍କୁ କେବଳ ଆବଶ୍ୟକୀୟ ସମ୍ବଳ ଯୋଗାଇ ଦେଇ ନଥିଲା ବରଂ ସେମାନଙ୍କ କାମ ପାଇଁ ସମ୍ମାନ ମଧ ଆଣିଦେଇଥିଲା।

# ବହୁ ଆଡମ୍ବରରେ ଲଘୁକ୍ରିୟା : ନିରଞ୍ଜନ

**ଭୁବନେଶ୍ୱର, ୨୯/୬ (ମହାଭାରତ):** ଚଳିତ ବର୍ଷ ଶ୍ରୀ ଗୁଣ୍ଡିଚା ରଥଯାତ୍ରାର ଚରମ ବିଶୃଙ୍ଖଳତା ଓ ଶ୍ରଦ୍ଧାଳୁମାନଙ୍କ ମୃତ୍ୟୁ ସମ୍ବାଦ ମୋତେ ଭୀଷଣ ଆଘାତ ଦେଇଛି। ଯେଉଁ ଶ୍ରଦ୍ଧାଳୁମାନେ ମୃତ୍ୟୁବରଣ କଲେ, ସେମାନଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବାକୁ ମୋର ଭାଷା ନାହିଁ। ଭକ୍ତମାନେ କାହିଁ କେତେ ଦୂରରୁ କଷ୍ଟ ସ୍ୱୀକାର କରି ରଥରେ ତିନିଠାକୁରଙ୍କୁ ଦର୍ଶନ କରିବାକୁ ଆସିଥିଲେ। ସେମାନଙ୍କୁ ଶୃଙ୍ଖଳିତ ଭାବେ ଦର୍ଶନ କରାଇବାକୁ ସରକାର ଅକ୍ଷମ ହେବା ଜାଣି ମୁଁ ଆଶ୍ଚର୍ଯ୍ୟ ହେଉଛି। ସରକାର ଅନଭିଜ୍ଞ। କିନ୍ତୁ ବ୍ୟବସ୍ଥା ତ ଅନଭିଜ୍ଞ ନୁହେଁ। ସେହି ବ୍ୟବସ୍ଥାରେ ସମନ୍ୱୟ ରକ୍ଷା କରି ପ୍ରତିବର୍ଷ ଶୃଙ୍ଖଳାର ସହ ମହାପ୍ରଭୁଙ୍କ ରଥ ଯାତ୍ରା ସଂପନ୍ନ ହୁଏ। ଚଳିତ ଥରର ଏପରି ଅବ୍ୟବସ୍ଥା ଓ ଅଘଟଣ ଦର୍ଶାଉଛି ସରକାରଙ୍କର ବିଭିନ୍ନ ବିଭାଗ ଭିତରେ ସମନ୍ୱୟ ନାହିଁ। କେହି କାହାକୁ ମାନିବା ଅବସ୍ଥାରେ ନାହାନ୍ତି। ଯାହାର ଫଳ ସ୍ୱରୂପ ତିନୋଟି ଅମୂଲ୍ୟ ଜୀବନ ଗଲା ଓ ଅନେକ ଲୋକ ଭୀଷଣ ଭାବେ ଆହତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସରକାରଙ୍କ କୁପରିଚାଳନା ଯୋଗୁ ବାରବାଟୀରେ କ୍ରିକେଟ ଖେଳ ବେଳେ ଆମ ରାଜ୍ୟର ଦୁର୍ନାମ ହୋଇଥିଲା। ଏବେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଭକ୍ତ ମୃତାହତ ଯୋଗୁ ଆମେ ସାର ବିଶ୍ୱରେ ନିନ୍ଦିତ ହେଲୁ। ଏଥିପାଇଁ ସରକାର ଉତରଦାୟୀ ହୋଇ ଓଡିଶାର ଜନସାଧାରଣଙ୍କୁ କ୍ଷମାମାଗିବା ପରିବର୍ତ୍ତେ ରାଜନୈତିକ ବୟାନ ଦେବା ଅତ୍ୟନ୍ତ ଦୁଃଖ ଦାୟକ କଥା। ପ୍ରଥମେ ସରକାରର ମୁଖ୍ୟ ଜଗନ୍ନାଥଙ୍କ ପାଖରେ ନିଜର କୁପରିଚାଳନା ଓ ଅହଂକାର ଯୋଗୁ କ୍ଷମା ମାଗିବାରୁ ତାଙ୍କୁ ଧନ୍ୟବାଦ କିନ୍ତୁ ଆଗାମୀ ଦିନରେ ବାହୁଡାଯାତ୍ରା ଠାରୁ ଆରମ୍ଭ କରି ସୁନାବେଶ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟରେ କିପରି ଶୃଙ୍ଖଳା ରକ୍ଷା କରାଯାଇପାରିବ, ସେ ସଂପର୍କରେ ଅଭିଜ୍ଞ ଲୋକଙ୍କ ସହ ଆଲୋଚନା ନ'କଲେ ଓଡିଶାବାସୀ ଆହୁରି ଦୁଃଖ ପାଇବେ। ଏହି ଘଟଣାର ତୁରନ୍ତ ବିଚାର ବିଭାଗୀୟ ତଦନ୍ତ କରନ୍ତୁ। ନ'ହେଲେ ମହାମାରୀ ହଇଜାର କଳଙ୍କ ମୁଣ୍ଡାଇଥିବା ଏ ସରକାର ଆହୁରି ଅନେକ ବିପଦରେ ଓଡିଶା ଲୋକଙ୍କୁ ହନ୍ତସନ୍ତ କରିବ।



# ରାଜଧାନୀରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ରୁ ଉର୍ଦ୍ଧ୍ୱ

ଭୁବନେଶ୍ୱର,୩୬।୦୬ (ମହାଭାରତ) : ଦିନକୁ ଦିନ ରାଜଧାନୀରେ ଡେଙ୍ଗୁ ରୋଗୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବର୍ଷା ଆରମ୍ଭ ହେଉଛି। ତେଣୁ ରାଜଧାନୀରେ ଡେଙ୍ଗୁ ରୋଗୀ ସଂଖ୍ୟା ୧୦୦ ଛୁଇଁଲାଣି। କେବଳ ଜୁନ୍ ମାସରେ ବହୁସଂଖ୍ୟକ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ଷ ଆରମ୍ଭରୁ ସଂଖ୍ୟା ବିଲାଣି। ଆଗକୁ ପରିସ୍ଥିତି ଅସମ୍ଭାଳ ହେବା ଆଶଙ୍କା ରହିଛି।ଏପ୍ରିଲ ମାସରେ ମାତ୍ର ୬ ଜଣ ରୋଗୀ ଚିହ୍ନଟ ହୋଇଥିଲେ। ମେ ମାସରେ ସଂଖ୍ୟା ୧୪। ଜୁନ୍ ମାସ ଶେଷ ସୁଦ୍ଧା ମୋଟ ୫୦ରୁ ଅଧିକ ରୋଗୀ ଚିହ୍ନଟ ହେଲେଣି। ସାଲିଆ ସାହିରୁ ୬ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଶିଖରଚଣ୍ଡି ନଗରରୁ ୫, ୟୁନିଟ-୩ ଏବଂ ସହିଦନଗରରୁ ୪ ରୋଗୀ ଚିହ୍ନଟ ହୋଇଛନ୍ତି। ପ୍ରତି ମାସରେ ସଂଖ୍ୟା ବଢିଚାଲିଛି ।ଜୁଲାଇ ଏବଂ ଅଗଷ୍ଟ ମାସରେ ବର୍ଷାର ପରିମାଣ ବିବଯ ହେଲେ ବିଏମ୍ସି ପକ୍ଷରୁ ଆଖିଦୃଶିଆ। କୌଣସି ପଦକ୍ଷୋପ ନିଆଯାଉନି। ବିଭିନ୍ନ ସ୍ଥାନରେ ଟାୟାର, ପାଣିକୁଣ୍ଡ, ଥର୍ମୋକୁଲ ଗଦା ହୋଇ ରହିଛି। ଏହି ସବୁରେ ପାଣି ରହି ମଶା ଲାର୍ଭା ସୃଷ୍ଟି ହେଉଛି। ଫଳରେ ମଶା ବଂଶ ବୃଦ୍ଧି ପାଉଛ। ଡେଙ୍ଗୁ ମଶା ଠାରୁ ସାଧାରଣ ମଶାର ସାନ୍ଦ୍ରତା ବଢିଛି। ତେଣୁ ଡେଙ୍ଗୁ ରୋଗୀ ସଂଖ୍ୟା ବଢିଚାଲିଛି।

# ଡକାୟତ ଦଳକୁ ଧରିଲା ଆରପିଏଫ୍



**ଭୁବନେଶ୍ୱର, ୨୯।୬ (ମହାଭାରତ):** ଅପରେସନ୍ ଯାତ୍ରୀ ସୁରକ୍ଷା ଅନ୍ତର୍ଗତ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାରେ, ରେଳ ସୁରକ୍ଷା ବଳ ଡିଟେକ୍ଟିଭ୍ ଓ୍ୱିଙ୍ଗ ପୁରୀର କୋଚିଂ କମ୍ପ୍ଲେକ୍ସରୁ ଛଅ ଜଣିଆ। ଅପରାଧୀ ଗ୍ୟାଙ୍ଗକୁ ସଫଳତାର ସହ ଗିରଫ କରିଛି। ପୁରୀ ଏବଂ ଖୋର୍ଦ୍ଧା ରୋଡ୍ ସେକ୍ସନ ମଧ୍ୟରେ ଚଳାଚଳ କରୁଥିବା ରାତି ଟ୍ରେନରେ ଡକାୟତି କରିବାକୁ ଷଡ଼ଯନ୍ତ୍ର କରୁଥିବା ସମୟରେ ଏହି ଦଳକୁ ଅଟକାଯାଇଥିଲା। ତଲାସି ପରେ, ଆରପିଏଫ୍ ଦଳ ୨୩ଟି ଚୋରି ମୋବାଇଲ୍ ହ୍ୟାଣ୍ଡସେଟ୍, "୨୪,୪୫୦ ମୂଲ୍ୟର ନଗଦ ଟଙ୍କା ଏବଂ ଅନ୍ୟାନ୍ୟ ଅପରାଧିକ ସାମଗ୍ରୀ ଉଦ୍ଧାର କରିଛି, ଯାହାର ମୋଟ ମୂଲ୍ୟ "୭,୧୩,୪୫୦ ହେବ ବୋଲି ଆକଳନ କରାଯାଇଛି।

ପ୍ରାଥମିକ ପଚରାଉଚରା ସମୟରେ, ଅଭିଯୁକ୍ତମାନେ ରେଳ ଷ୍ଟେସନ ଏବଂ ଯାତ୍ରୀ ଚଳପ୍ରଚଳ ଅଞ୍ଚଳରେ ଯାତ୍ରୀଙ୍କଠାରୁ ମୋବାଇଲ୍ ଫୋନ୍ ଚୋରିର ଅନେକ ଘଟଣା ସ୍ୱୀକାର କରିଛନ୍ତି। ଅଭିଯୁକ୍ତମାନେ ଯାତ୍ରୀବାହୀ ଟ୍ରେନରେ ମଧ ସକ୍ରିୟ ଭାବରେ ଡକାୟତି ଯୋଜନା କରୁଥିଲେ। ଗିରଫ ହୋଇଥିବା ବ୍ୟକ୍ତିମାନଙ୍କୁ, ଉଦ୍ଧାର ହୋଇଥିବା ଚୋରି ସମ୍ପତ୍ତି ସହିତ, ପୁରୀର ସରକାରୀ ରେଳବାଇ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ଭାରତୀୟ ନ୍ୟାୟ ସଂହିତା ର ଧାରା ଅନୁଯାୟୀ ଏକ ଆନୁଷ୍ଠାନିକ ମାମଲା ପଞ୍ଜିକୃତ ହୋଇଛି।

ଏହି ସଫଳ ଅଭିଯାନ ଯାତ୍ରୀ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ରେଳ ପରିସର ଏବଂ ଟ୍ରେନ୍ ପରିଚାଳନାକୁ ସୁରକ୍ଷିତ ରଖିବା ପାଇଁ ରେଳ ସୁରକ୍ଷା ବାହିନୀର ଜାରି ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି।

# ରଥଯାତ୍ରା ପରିଚାଳନା ବିଫଳତା ପ୍ରତିବାଦରେ ବିକ୍ଷୋଭ

**ଭୁବନେଶ୍ୱର,୨୯/୬ (ମହାଭାରତ) :** ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସାମ୍ବାଦିକମାନଙ୍କୁ ଡକାଇ ତାଙ୍କ ଉପରେ ଆକ୍ରମଣ କରିବା, ରଥାଯାତ୍ରା ପରିଚାଳନାରେ ସରକାରଙ୍କ ପକ୍ଷରୁ ଗୁରୁତର ବିଭ୍ରାଟ, ୧୦ହଜାରରୁ ଅଧିକ ଆର୍ଏସ୍ଏସ୍ର ଗୁଣ୍ଡା ବାହିନୀକୁ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରବେଶ ଓ ରଥପାର୍ଶ୍ୱକୁ ଯିବା ପାଇଁ ସ୍ୱତନ୍ତ୍ର ପାସ୍ ଦେଇ ମନ୍ଦିର ଓ ରଥଯାତ୍ରାରେ ଗୁରୁତର ବିଭ୍ରାଟ ଘଟାଇବା, ଶିଳ୍ପପତି ଗୌତମ ଆଦାନୀଙ୍କ ପୁରୀ ଆଗମନ ପାଇଁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ୨୧ଘଣ୍ଟାରୁ ଅଧିକ ସମୟ ଅଟକ ରଖିବା ଜନିତ ଅହେତୁକ ବିଳମ୍ବରୁ ଦଳାଚକଟାରେ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ଓ ଘଟଣା ଘଟାଇଥିବା ବିଜେପି ସରକାରଙ୍କ ଅପାରଗତା ପ୍ରତିବାଦରେ ତଥା ଆଦାନୀଙ୍କ ପାଇଁ ନନ୍ଦିଘୋଷ ଅଟକ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବିକରି ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓ ଭାରତୀୟ କ୍ଷେତ ମଜଦୂର ୟୁନିୟନ୍ ପକ୍ଷରୁ ଭୁବନେଶ୍ୱରଠାରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି ବିକ୍ଷୋଭରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ବିକେଏମ୍ୟୁର ରାଜ୍ୟ ସମ୍ପାଦକ ସୁର ଜେନା, ସିପିଆଇ ଅଞ୍ଚଳ ସହ ସମ୍ପାଦକ କୈଳାସ ପୁହାଣ, ଡାକ ହେମ୍ବ୍ରମ୍ ପ୍ରମୁଖ ନେତୃତ୍ୱ ନେଇଥିଲେ। ଏହା ପୂର୍ବରୁ ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରା ବାହାରି ବିକ୍ଷୋଭ ସ୍ଥଳରେ ପହଞ୍ଚିଥିଲା।

# ମୋବାଇଲ୍ ଫୋନ୍ ଚୋର ଗିରଫ

**ଭୁବନେଶ୍ୱର/ପୁରୀ, ୨୯।୬ (ମହାଭାରତ):** ସତର୍କତା ଏବଂ ତ୍ୱରିତ କାର୍ଯ୍ୟାନୁଷ୍ଠାନର ଏକ ପ୍ରଶଂସନୀୟ ପ୍ରଦର୍ଶନ କରି, ରେଳ ସୁରକ୍ଷା ବଳ ର ଅପରାଧ ନିବାରଣ ଏବଂ ଚିହ୍ନଟ ସ୍କ୍ୱାଡ୍ ୨୮ ଜୁନ୍ ୨୦୨୫ ରେ ପୁରୀ ରେଳ ଷ୍ଟେସନରେ ଯାତ୍ରୀ ସାମଗ୍ରୀ ଚୋରିରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ସଫଳତାର ସହ ଗିରଫ କରିଛି। ଅନଧିକୃତ ଯାତ୍ରୀଙ୍କ ଗତିବିଧିକୁ ବନ୍ଦ କରିବା ଏବଂ ଯାତ୍ରୀ ସାମଗ୍ରୀ ଚୋରି ଚିହ୍ନଟ କରିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନର ଅଂଶ ଭାବରେ, ଦଳ ଷ୍ଟେସନ ପରିସରରେ ବ୍ୟାପକ ପାଟ୍ରୋଲିଂ ଏବଂ ନଜର ରଖିଥିଲା। ଅପରେସନ ସମୟରେ, ମୁଖ୍ୟ ଫାଟକ ଅଞ୍ଚଳ ନିକଟରେ ଜଣେ ସନ୍ଦିଗ୍ଧ ପୁରୁଷଙ୍କୁ ଅଟକାଯାଇଥିଲା। ତଦନ୍ତ କରିବା ପରେ, ବ୍ୟକ୍ତିଙ୍କ ପାଖରେ ଦୁଇଟି ଚୋରି ମୋବାଇଲ୍ ଫୋନ୍ - ଗୋଟିଏ ଆକାଶିଆ। ନୀଳ ଙଚଚଙ ୧୦-କ ଏବଂ ଏକ ଧୂସର ଥିବା ମିଳିଥିଲା ଯାହାର ମୂଲ୍ୟ ପ୍ରାୟ "୧,୫୦,୦୦୦/-। ଚୋରି ହୋଇଥିବା ଜିନିଷଗୁଡ଼ିକ ଷ୍ଟେସନରେ ଉପସ୍ଥିତ ଜଣେ ଯାତ୍ରୀଙ୍କର ବୋଲି ଚିହ୍ନଟ କରାଯାଇଥିଲା।

ପଚରାଉଚରା ସମୟରେ, ଅଭିଯୁକ୍ତ ଚୋରି କରିଥିବା ସ୍ୱୀକାର କଲା ଏବଂ ନିଜର ପରିଚୟ ନାମ: ରାଜେଶ ସିଂହ, ବୟସ: ୨୧ ବର୍ଷ, ଠିକଣା: ଡିବିସି ପଡ଼ା, ପିଏସ୍-ବୈଦନାଥପୁର, ଜିଲ୍ଲା- ଆସାନସୋଲ, ରାଜ୍ୟ-ପଶ୍ଚିମବଙ୍ଗ ବୋଲି ପ୍ରକାଶ କରିଛି। ଦୋଷ ସ୍ୱୀକାର ଏବଂ ଚୋରି ହୋଇଥିବା ସମ୍ପତ୍ତି ଉଦ୍ଧାର ପରେ, ଅଭିଯୁକ୍ତଙ୍କୁ ପୁରୀର ଆରପିଏଫ୍ ପୋଷ୍ଟକୁ ଅଣାଯାଇଥିଲା। ସମସ୍ତ ଆବଶ୍ୟକୀୟ ଆଇନଗତ ଔପଚାରିକତା ପୂରଣ କରିବା ପରେ, ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟକ୍ତିଙ୍କୁ ପୁରୀର ସରକାରୀ ରେଳବାଇ ପୋଲିସ (ଜିଆରପି)କୁ ହସ୍ତାନ୍ତର କରାଯାଇଥିଲା।

ପୁରୀ ରେଳ ଷ୍ଟେସନ ସିସି ଟିଭି କ୍ୟାମେରାର ନେଟୱର୍କ, ସଜାଗ ଆରପିଏଫ୍ କର୍ମଚାରୀ ଏବଂ ଯାତ୍ରୀମାନଙ୍କ ନିରାପତ୍ତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ନିରନ୍ତର ୨୪ଘଣ୍ଟ ତଦାରଖରେ ନଜର ରଖାଯାଇଅଛି।

# ଅଣଛାତ୍ରଙ୍କ ଆତଙ୍କ

**ଭୁବନେଶ୍ୱର,୨୯।୬ (ମହାଭାରତ)** ରାଜଧାନୀ କଲେଜରେ ପୁଣି ଜଣେ ଯୁକ୍ତ ୩ ଛାତ୍ରଙ୍କୁ ଆକ୍ରମଣ ହୋଇଛି। ପୂର୍ବ କଥାକୁ କେନ୍ଦ୍ର କରି କିଛି ଅଣଛାତ୍ର ଏହି ଆକ୍ରମଣ କରିଥିବା ଜଣାପଡ଼ିଛି। ଏଥିରେ ଆହତ ହୋଇଛନ୍ତି ଯୁକ୍ତ ୩ ଛାତ୍ର ସୌଭାଗ୍ୟ ମହାପାତ୍ର।ଏନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଶ୍ରୀମାନଙ୍କ ଘର ପାତ୍ରପଡ଼ା ଶଙ୍କର ବିହାରରେ। ସେ ରାଜଧାନୀ କଲେଜରେ ଯୁକ୍ତ ୩ର ଦ୍ୱିତୀୟ ବର୍ଷରେ ପାଠ ପଢୁଛନ୍ତି। ଗତକାଲି ଅପରାହ୍ଣ ପ୍ରାୟ ୩ଟା ବେଳେ ସେ କଲେଜ କ୍ୟାମ୍ପସରେ ବସିଥିଲେ। ତେବେ ଏହି ସମୟରେ କିଛି ଅଣଛାତ୍ର ତାଙ୍କ ପାଖରେ ପହଞ୍ଚିଥିଲେ। ସମସ୍ତ ବିୟର ବୋତଲ ଧରିଥିଲେ। ଜଣେ ଛୁରି ଧରିଥିଲା। ଶ୍ରୀମାନ କିଛି ବୁଝିବା ଆଗରୁ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ। ଆକ୍ରମଣରେ ତାଙ୍କ ମୁଣ୍ଡ ଓ କାନରୁ ରକ୍ତ ବାହାରିଥିଲା। ଏହା ଦେଖି କଲେଜର ଅନ୍ୟ ଛାତ୍ରଛାତୀଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା। ଶ୍ରୀମାନଙ୍କୁ ତାର ସାଙ୍ଗମାନେ ହସ୍ପିଟାଲ୍ ନେଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

# ସରକାରରେ କିଛି ଠିକ ଭାବେ ଚାଲିନି : ବିଜେଡି

**ଭୁବନେଶ୍ୱର, ୨୯।୬ (ମହାଭାରତ):** ଗତବର୍ଷ ରଥ ଯାତ୍ରାରେ ବଡ଼ଠାକୁର ବଳଭଦ୍ର ରଥ ଉପରୁ ମୁହଁମାଡି ପଡିଲେ। ଏ ବିଜେପି ସରକାର ସେ ସମୟରେ କହିଲେ ତଦନ୍ତ କରାଯିବ କିନ୍ତୁ ଏବର୍ଷ ରଥଯାତ୍ରା ଯାଏଁ ତଦନ୍ତ ରିପୋର୍ଟ ଆସିପାରିଲା ନାହିଁ। ଆଉ ଏବେ ଚଳିତ ବର୍ଷ ରଥଯାତ୍ରାରେ ମାଳ ମାଳ ଅବ୍ୟବସ୍ଥାର ପ୍ରସଙ୍ଗ ଆସୁଛି। ପାସ୍ ବାଣ୍ଟିବାଠୁ ନେଇ ଟ୍ରାଫିକ୍ ପରିଚାଳନା ଓ ଭିଡ ନିୟନ୍ତ୍ରଣ ସବୁଥିରେ ସରକାର ଓ ପ୍ରଶାସନ ଫେଲ୍ ମାରିଛି। ଯେଉଁଥି ପାଇଁ ରଥଟଣା ଦିନ ଅବ୍ୟବସ୍ଥାର ଚିତ୍ର ଆସିଥିବା ବେଳେ ଆଜି ଦଳାଚକଟାରେ ୩ ଭକ୍ତଙ୍କ ଜୀବନ ଯାଇଛି। ଯାହାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନ ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡା।



ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ଅହଙ୍କାରରୁ ଅଘଟଣ ହେଉଛି। ଏ ସରକାରରେ କିଛି ଠିକ ଭାବେ ଚାଲିନି। ରଥଯାତ୍ରାରେ ଅଘଟଣା ପରିତାପର ବିଷୟ। କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କୁ ଏହା ଆଘାତ ଦେଇଛି। ନନ୍ଦିଘୋଷ ରଥ ନ ଗଡ଼ିବା, ବଳଭଦ୍ରଙ୍କ ରଥ ମୋଡ଼ ନେବା ଓ ଶେଷରେ ଦଳାଚକଟା ତିନି ଜଣ ମରିବା, ଏହା ଜଣାଉଛି ସେ ସରକାର ସୁରକ୍ଷା ଦେଇ ପାରୁ ନାହାନ୍ତି।

ଏତେ ସବୁ ଘଟଣା ଘଟିବା ପରେ ବି ଏ ସରକାର ଦଳାଚକଟା ନ ମାନି ଠେଲାପେଲା କହୁଛନ୍ତି। ନବକଳେବର ସମୟର ରଥଯାତ୍ରାଠୁ ବି ଅଧିକ ଲୋକ ପୁରୀକୁ ଆସିଥିଲେ। ଏଥି ସହିତ ପୂର୍ବରୁ କେତେ ଭଲ ଭାବେ ରଥଯାତ୍ରା ହୋଇଥିଲା। ହେଲେ ଏ ସରକାରରେ ଶୃଙ୍ଖଳିତ ଦର୍ଶନ ଶବ୍ଦ ଉଭାନ ହୋଇଯାଇଛି। ଅସ୍ମିତା କଥା କହିଲେ ମୋହନ ମାଝୀ ସରକାର, ଆଜି ତାହା ରସା ତଳକୁ ଖସି ଗଲା। ସରକାରଙ୍କ ଅହଂକାର ଯୋଗୁଁ ଏ ସବୁ ଅଘଟଣା ଘଟିଛି। ସରକାର ଶ୍ୱେତପତ୍ର ଜାରି କରନ୍ତୁ ଏହା ସବୁ ଅଘଟଣର କାରଣ କଣ କୁହନ୍ତୁ। ଲୋକେ ଜାଣିବା ଦରକାର କଣ ହୋଇଛି। ତଥ୍ୟ ନ ଲୁଚାଇ ସତକୁ ପରିପ୍ରକାଶ କରନ୍ତୁ।

# ଭାବପୂର୍ଣ୍ଣ ଓ ହୃଦୟସ୍ପର୍ଶୀ

ଭଗବାନଙ୍କ ସୃଷ୍ଟିରେ ମଣିଷ ଶ୍ରେଷ୍ଠ ପ୍ରାଣୀ। ସମଗ୍ର ବିଶ୍ୱରେ ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ପରିଚିତ। ଦିନକୁ ଦିନ ଭାରତ ବିଶ୍ୱ ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପହଞ୍ଚୁଥିବାବେଳେ ଭାରତର ନ୍ୟାୟ ପାଳିକା ମଧ୍ୟ ଅତ୍ୟନ୍ତ ସୁଦୃଢ଼। ନିକଟରେ ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ତାଙ୍କ ବିଦାୟୀ ଭାଷଣରେ ଯାହା ଉଲ୍ଲେଖ ରଖିଛନ୍ତି ତାହା ଅତ୍ୟନ୍ତ ଭାବପୂର୍ଣ୍ଣ ଓ ହୃଦୟସ୍ପର୍ଶୀ। ବାସ୍ତବରେ ଅଭାବୀଙ୍କ ସେବା ଠାରୁ କିଛି ବଡ଼ ନାହିଁ। ସୁସ୍ଥ ସମାଜରେ ବଞ୍ଚିବା ପାଇଁ ପ୍ରତିଟି ମଣିଷର ସମ୍ବିଧାନ ପ୍ରଦତ୍ତ ନୀତିଗତ ଅଧିକାର ରହିଛି। ଆସନ୍ତୁ ଏହି ଅଧିକାର ସମ୍ପର୍କିତ ଛୋଟିଆ ଆଲୋଚନାଟି ରଖିବା।

ସ୍ୱାଧୀନତା, ସମାନତା ଓ ସୁରକ୍ଷାର ଅଧିକାର : ଦୁନିଆର ପ୍ରତି ବ୍ୟକ୍ତି ସମ୍ମାନ ଓ ଅଧିକାର ମାମଲାରେ ସ୍ୱାଧୀନ ଓ ସମାନ। ପ୍ରତ୍ୟେକ ବ୍ୟକ୍ତିଙ୍କୁ କୌଣସି ଭେଦଭାବ ବିନା ସମସ୍ତ ଅଧିକାର ଓ ସ୍ୱାଧୀନତା ଦିଆଯାଇଛି। ଏଥିରେ ଜାତି, ବର୍ଣ୍ଣ, ଲିଙ୍ଗ, ଭାଷା, ଧର୍ମ, ରାଜନୈତିକ ବିଚାର, ରାଷ୍ଟ୍ରୀୟତା, ସମ୍ପତ୍ତି, ସମାଜ ଆଦି ବିଷୟକୁ ନେଇ କୌଣସି ଭେଦଭାବ କରିହେବନାହିଁ। ପ୍ରତି ମନୁଷ୍ୟର ଜୀବନ, ସ୍ୱାଧୀନତା ଓ ସୁରକ୍ଷାର ଅଧିକାର ଅଛି। ଆଇନ ଆଗରେ ସମସ୍ତେ ସମାନ। ପ୍ରତ୍ୟେକ ବ୍ୟକ୍ତିର ସୁରକ୍ଷାର ସମାନ ଅଧିକାର ଅଛି।

ପ୍ରତାଡ଼ନା ଓ କ୍ରୂରତାରୁ ସ୍ୱାଧୀନତାର ଅଧିକାର : ପ୍ରତି ବ୍ୟକ୍ତିର ଯନ୍ତ୍ରଣା ପ୍ରତାଡ଼ନା ଓ କ୍ରୂରତାରୁ ମୁକ୍ତ ହେବାର ଅଧିକାର ରହିଛି। ଦୁନିଆର ଯେ କୌଣସି ଅଂଶରେ ଥିବା ଯେ କୌଣସି ମଣିଷର ପ୍ରଥମ ପରିଚୟ ସେ ଜଣେ ମଣିଷ। ଏହାପରେ ହିଁ ଆଇନ ଆସିପାରେ। କୌଣସି ମଣିଷକୁ ଗୁଲାମୀ ବା ଦାସତ୍ୱରେ ରଖିହେବ ନାହିଁ। ଯେ କୌଣସି ପ୍ରକାର ଦାସତ୍ୱ ପ୍ରଥା ଉପରେ ମଧ୍ୟ କଟକଣା ରହିଛି।

ଅଦାଲତ ଦୋଷୀ କହିବା ପୂର୍ବରୁ ନିର୍ଦ୍ଦୋଷ : ଯେ କୌଣସି ଅଧିକାରରୁ ବଞ୍ଚିତ ହୋଇଥିବା ବ୍ୟକ୍ତି ନ୍ୟାୟ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହେବା ନିମନ୍ତେ ସଂପୂର୍ଣ୍ଣ ଅଧିକାର ରହିଛି। କୌଣସି ବ୍ୟକ୍ତିଙ୍କୁ ମନଇଛା ଗିରଫ, ନଜରବନ୍ଦୀ କିମ୍ବା ଦେଶାନ୍ତର କରି ହେବନାହିଁ। ସମସ୍ତଙ୍କ ପାଖରେ ଏକ ସ୍ୱାଧୀନ ଓ ନିରପେକ୍ଷ ଅଦାଲତରେ ସାର୍ବଜନୀନ ଶୁଣାଣିର ଅଧିକାର ରହିଛି। ଅଦାଲତ ଦୋଷୀ ବୋଲି ରାୟ ଦେବା ପୂର୍ବରୁ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିର୍ଦ୍ଦୋଷ ଭାବରେ ଗ୍ରହଣ କରାଯିବ। ମନୁଷ୍ୟର ଘର, ପରିବାର, ବ୍ୟକ୍ତିଗତ ଜୀବନ ଓ ବ୍ୟକ୍ତିଗତ ଚିଠିରେ ଅନ୍ୟ କୌଣସି ବ୍ୟକ୍ତି ହସ୍ତକ୍ଷେପ କରିବାର ଅଧିକାର ନାହିଁ। ବ୍ୟକ୍ତିଗତ ଏକାନ୍ତତା ଉପରେ ଆକ୍ରମଣ ମାମଲାରେ ବ୍ୟକ୍ତି ଆଇନ ଠାରୁ ସୁରକ୍ଷା ମାଗିବାର ଅଧିକାର ରହିଛି।

ଦେଶ ତ୍ୟାଗ ଓ ଶରଣାର୍ଥୀ ଅଧିକାର : ନିଜ ଦେଶରେ ଯେ କୌଣସି ସ୍ଥାନକୁ ଯିବା ଅଧିକାର ସହ ମନୁଷ୍ୟକୁ ଅନ୍ୟ ଦେଶକୁ ଯିବା ଆସିବା କରିବାର ଅଧିକାର ରହିଛି। କେବଳ ଏତିକି ନୁହେଁ ସେ ନିଜ ଦେଶ ତ୍ୟାଗ କରିପାରିବ ଏବଂ ଫେରି ମଧ୍ୟ ପାରିବ। ପ୍ରତିଟି ମନୁଷ୍ୟ ପାଖରେ ନିଜ ଦେଶ ଛାଡ଼ି ଅନ୍ୟ ଦେଶରେ ଶରଣ ମାଗିବାର ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତି ପାଖରେ ଏକ ବିଶେଷ ରାଷ୍ଟ୍ରର ନାଗରିକତାର ଅଧିକାର ରହିଛି। କେହି ଜବରଦସ୍ତ ଭାବରେ ବା ମନଇଛା ତାଙ୍କର ରାଷ୍ଟ୍ରୀୟତା ଛିନ୍ନ କରିପାରିବେ ନାହିଁ।

ବିବାହ ଓ ମହିଳା ପୁରୁଷ ସମାନତା ଅଧିକାର : ପ୍ରତ୍ୟେକ ବ୍ୟକ୍ତିର ଜାତି, ଧର୍ମ ଓ ଜାତୀୟତା ନିର୍ବିଶେଷରେ ବିବାହ କରିବାର ଓ ପରିବାର ବଢ଼ାଇବାର ଅଧିକାର ରହିଛି। ଏଥିସହ ବିବାହ ସମୟରେ ଓ ବିବାହ ପରେ ମହିଳା ଓ ପୁରୁଷଙ୍କର ସମାନତାର ଅଧିକାର ରହିଛି। ପ୍ରତି ବ୍ୟକ୍ତିଙ୍କୁ ଏକାକୀ ବା ଏକାଧିକ ବ୍ୟକ୍ତିଙ୍କ ସହ ମିଶି ସମ୍ପତ୍ତି ରଖିବାର ଅଧିକାର ରହିଛି। ସମ୍ପତ୍ତି ଉପରୁ ଏହି ଅଧିକାର କେହି ମନଇଛା ଛିନ୍ନ କରିପାରିବେ ନାହିଁ।

ବିଚାର ଓ ଧର୍ମ ଛାଡ଼ିବାର ଓ ଆପଣାଇବାର ଅଧିକାର : ମନୁଷ୍ୟର ଯେ କୌଣସି ବିଚାର ଓ ଧର୍ମକୁ ଆପଣାଇବା ପାଇଁ ସ୍ୱାଧୀନତା ରହିଛି। ଏଥିସହ ନିଜର ଧର୍ମ ଓ ବିଚାର ବଦଳାଇବାର ମଧ୍ୟ ସ୍ୱାଧୀନତା ରହିଛି। ପ୍ରତିଟି ମନୁଷ୍ୟର ବିଚାରକୁ ଅଭିବ୍ୟକ୍ତ କରିବାର ସ୍ୱାଧୀନତା ରହିଛି। କୌଣସି ପ୍ରସଙ୍ଗରେ ନିଜର ବିଚାର ବ୍ୟକ୍ତ କରିବାର ଅଧିକାର ରହିଛି। ବ୍ୟକ୍ତିଙ୍କୁ ଗଣମାଧ୍ୟମ ବା ଅନ୍ୟ ମାଧ୍ୟମରୁ ସୂଚନା ହାସଲ କରିବାର ଅଧିକାର ରହିଛି। ଏହାକୁ କେହି ରୋକିପାରିବେ ନାହିଁ।

ସରକାର ବାଛିବା ଓ ସାମାଜିକ ସୁରକ୍ଷାର ଅଧିକାର : ପ୍ରତି ବ୍ୟକ୍ତି ପାଖରେ ଶାନ୍ତିପୂର୍ଣ୍ଣ ଭାବରେ ସଂଗଠନ ଗଠନ କରିବା, ସଂସ୍ଥାର ସଦସ୍ୟ ହେବା ଏବଂ ସଭା କରିବାର ଅଧିକାର ରହିଛି। ଦେଶରେ ସରକାର ଗଠନ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାର ଏବଂ ସରକାର ନିର୍ବାଚନ କରିବାର ଅଧିକାର ରହିଛି। ଏଥିସହ ଦେଶର ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ସମାନ ଅଧିକାର ରହିଛି। ପ୍ରତି ମଣିଷ ପାଖରେ ସମାଜର ଅଂଶ ହୋଇଥିବା କାରଣରୁ ସାମାଜିକ ସୁରକ୍ଷାର ଅଧିକାର ରହିଛି। ଏଥିସହ ବ୍ୟକ୍ତିତ୍ୱ ବିକାଶ ପାଇଁ ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାର ମଧ୍ୟ ରହିଛି।

ନିଜ ପସନ୍ଦର ଚାକିରି ଏବଂ ବୃତ୍ତିର ଅଧିକାର : ପ୍ରତ୍ୟେକ ବ୍ୟକ୍ତିଙ୍କର କାମ କରିବା, ନିଜ ପସନ୍ଦର କାମ ଖୋଜିବା, କର୍ମସ୍ଥଳରେ ଉନ୍ନତି ଏବଂ ବେରୋଜଗାରୀରୁ ରକ୍ଷା ପାଇବାର ଅଧିକାର ଅଛି। ଏହା ବ୍ୟତୀତ କୌଣସି ପ୍ରକାର ଭେଦଭାବ ବିନା ସମାନ କାମ ପାଇଁ ସମାନ ପାରିଶ୍ରମିକ ପାଇବାର ମଧ୍ୟ ଅଧିକାର ରହିଛି। ସେ ଟ୍ରେଡ୍ ୟୁନିୟନରେ ସାମିଲ ହୋଇପାରେ, ଟ୍ରେଡ ୟୁନିଅନ ଗଠନ କରିପାରେ। ନିର୍ଦ୍ଦିଷ୍ଟ କର୍ମ ନିର୍ଘଣ୍ଟ ଏବଂ ଛୁଟିରେ ଅଧିକାର ରହିଛି ପ୍ରତ୍ୟେକ କର୍ମଚାରୀଙ୍କ ପାଖରେ। ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସଂସ୍କୃତିର ଅଧିକାର : ପ୍ରତ୍ୟେକ ବ୍ୟକ୍ତିର ଖାଦ୍ୟ, ପୋଷାକ, ଘର, ସ୍ୱାସ୍ଥ୍ୟ ସୁବିଧା ଏବଂ ଜରୁରୀ ସାମାଜିକ ସୁରକ୍ଷାର ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତିର ଶିକ୍ଷା ଅଧିକାର ରହିଛି। ପ୍ରାଥମିକ ଶିକ୍ଷା ସମସ୍ତଙ୍କ ପାଇଁ ଜରୁରୀ ଏବଂ ଏହାକୁ ଦେୟମୁକ୍ତ କରାଯିବା ପାଇଁ ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତିର ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହେବାର ଅଧିକାର ରହିଛି। ସେ କଳା କିମ୍ବା ବିଜ୍ଞାନ ଜରିଆରେ ହେଉଥିବା ବିକାଶ ଏବଂ ଲାଭକୁ ନିଜ ପାଇଁ ବ୍ୟବହାର କରିପାରିବ।

ସାମାଜିକ ଏବଂ ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥାର ଅଧିକାର : ପ୍ରତ୍ୟେକ ବ୍ୟକ୍ତି ପାଖରେ ଏପରି ସାମାଜିକ ଏକ ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥାର ଅଧିକାର ରହିଛି ଯାହାଦ୍ୱାରା ଜାତିସଂଘରେ ହୋଇଥିବା ଘୋଷଣାନାମା କାର୍ଯ୍ୟକାରୀ ହୋଇପାରିବ। ପ୍ରତ୍ୟେକ ମନୁଷ୍ୟ ନିଜ ଗୋଷ୍ଠୀ ପାଇଁ ଉତ୍ତରଦାୟୀ। ଏହାଦ୍ୱାରା ତାର ବ୍ୟକ୍ତିତ୍ୱର ବିକାଶ ହେବ ଯାହାକି ଗଣତାନ୍ତ୍ରିକ ସମାଜ ପାଇଁ ଖୁବ୍ ଜରୁରୀ।

# ବ୍ରଣର ଘରୋଇ ଉପଚାର

**ଅପର୍ଣ୍ଣା ନାୟକ**

ଲେମ୍ବୁରସରେ ଗ୍ଲିସରିନ, ଗୋଲାପଜଳ ମିଶାଇ ଲଗାନ୍ତୁ । ଏକ ଚାମଚ ଲେମ୍ବୁ ରସ, ଏକ ଚାମଚ ଗାଜର ରସ ଓ ଚିନି ମିଶାଇ ତ୍ୱଚାରେ ଲେପ ଦେଲେ ବ୍ରଣ ସମସ୍ୟା ଦୂର ହୁଏ । ଲେମ୍ବୁ ରସ ଓ ତୁଳସୀ ରସ ସମପରିମାଣର ନେଇ ବ୍ରଣରେ ଲଗାନ୍ତୁ । ଦୁଇ ଚାମଚ ଟମାଟୋ ରସ, ଏକ ଚାମଚ କାକୁଡ଼ି ରସ, ଅଧା ଚାମଚ ଲେମ୍ବୁରସ ଓ ହଳଦି ମିଶାଇ ମୁହଁରେ ଲଗାଇଲେ ବ୍ରଣ ଦୂର ହେବା ସହ ତ୍ୱଚାର ରଙ୍ଗ ଉଜ୍ଜ୍ୱଳ ହେବ । କଞ୍ଚାଆଳୁ ରସରେ ଗ୍ଲିସରିନ, ସିର୍କା, ଗୋଲାପଜଳ ମିଶାଇ ଫେସ୍‌ପ୍ୟାକ୍ ତିଆରି କରନ୍ତୁ । ଏହାକୁ ମୁହଁରେ ଲଗାଇଲେ ବ୍ରଣ ଦାଗ ଦୂର ହୁଏ । ମୂଳାକୁ କାଟି ଦହିରେ ମିଶାଇ ମୁହଁରେ ଲଗାଇଲେ ବ୍ରଣ ଦୂର ହେବା ସହ ତ୍ୱଚା ସ୍ନିଗ୍ଧ ହୋଇଥାଏ । ସଦ୍ୟବ୍ରଣରେ ପିଆଜ ରସ ଲଗାଇଲେ ଏହା ସହଜରେ ଦୂର ହୁଏ । ବ୍ରଣ ପାଚିଯାଇଥିଲେ ପିଆଜ ରସରେ ମହୁ ମିଶାଇ ଲଗାନ୍ତୁ । କମଳାଚୋପା, ଚାଉଳ ଓ ଶୁଖିଲା ମଟର ମିଶି ଗୁଣ୍ଡକରି ବ୍ରଣ ପ୍ରଭାବିତ ସ୍ଥାନରେ ଲଗାଇଲେ ବ୍ରଣ ଭଲ ହୋଇଥାଏ । ପାଚିଲା ଅମୃତଭଣ୍ଡାକୁ ଚକଟି ମୁହଁରେ ଲଗାଇଲେ ବ୍ରଣ ଦୂର ହୁଏ । ତରଭୁଜ ଓ ଫୁଟିକାକୁଡ଼ି ରସକୁ ଏକାଠି ମିଶାଇ ମୁହଁରେ ଲଗାନ୍ତୁ । ସେହିଭଳି ତରଭୁଜ ମଞ୍ଜିକୁ ବାଟି ବ୍ରଣରେ ଲଗାଇଲେ ବ୍ରଣ ଦୂର ହୁଏ । ୨/୩ଟି ବାଦାମ, ୧ ବଡ଼ଚାମଚ ମସୁର ଡାଲି, ଅଧା ଚାମଚ ସୋରିଷ ମିଶାଇ ପେଷ୍ଟ ତିଆରି କରି ସେଥିରେ ଲେମ୍ବୁ ରସ ମିଶାନ୍ତୁ । ସଦ୍ୟବ୍ରଣରେ ଏହା ଲଗାଇଲେ ସୁଫଳ ମିଳିଥାଏ । ହଳଦିରେ କଞ୍ଚା ଧନିଆ ରସ ମିଶାଇ ମୁହଁରେ ଲଗାନ୍ତୁ ।

# ସାଇପ୍ରସରୁ ସନ୍ଦେଶ

**ସୌମେନ୍ଦ୍ର ଜେନା**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁନ ୧୪ ଓ ୧୫ ଦୁଇଦିନ ଧରି ସାଇପ୍ରସ ଗସ୍ତରେ ଯାଇଥିଲେ । ଜି-୭ ବୈଠକ ପାଇଁ କାନାଡା ଯିବା ବାଟରେ ସାଇପ୍ରସକୁ ଗସ୍ତ କରି ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ସଂପର୍କକୁ ସୁଦୃଢ଼ କରି ସାମରିକ ସଂପର୍କ ସ୍ତରକୁ ନେବାପାଇଁ ପ୍ରୟାସ କରି ଯେପରି ସଫଳ ହେଲେ ତାହା ଏବେ ଚର୍ଚ୍ଚାର ବଡ ବିଷୟ ହୋଇଛି । ୟୁରୋପର ପ୍ରବେଶ ଦ୍ୱାରରେ ଥିବା ସାଇପ୍ରସ ଦେଖିବାକୁ ଛୋଟ ଦ୍ୱୀପରାଷ୍ଟ୍ରଟିଏ । କିନ୍ତୁ ଏହା ବିଗତ ଦିନମାନଙ୍କରେ ଯେପରି ପଡୋଶୀ ତୁର୍କୀର ସନ୍ତ୍ରାସକୁ ସହନ କରି ଆସିଛି, ଧର୍ମ ଆଧାରରେ ଦେଶରେ ବିଭାଜନ ଦେଖିଆସିଛି, ଦେଶର ଉତ୍ତର ଭାଗ ଜବରଦଖଲ ଦେଖିଛି ତାହା ଠିକ୍ ଭାରତର କାଶ୍ମିର ସହ ତୁଳନୀୟ । ଏହି ମାମଲାର ଖଳନାୟକ ତୁର୍କୀ ପାକିସ୍ଥାନ ପରି ସନ୍ତ୍ରାସୀ ରାଷ୍ଟ୍ରର ଯେପରି ପ୍ରଚଣ୍ଡ ସମର୍ଥକ ସେମିତି ବିଶ୍ୱମଞ୍ଚରେ ସହଯୋଗୀ ମଧ୍ୟ । ନିକଟରେ ଅପରେସନ ସିନ୍ଦୂର ସମୟରେ ପାକିସ୍ଥାନରୁ ଯେଉଁ ଡ୍ରୋନ ଆକ୍ରମଣ ହୋଇଥିଲା ସେଥିଲେ ଭାରତର ଜବାବରେ ୨ଜଣ ତୁର୍କୀର ଡ୍ରୋନ ଚାଳକଙ୍କ ମୃତ୍ୟୁ ହୋଇଥିବା ଖବର ଜଣାପଡିଥିଲା । କହିବାକୁ ଗଲେ ପାକ୍‌ରୁ ତୁର୍କୀ ଯୁଦ୍ଧକୁ ନିୟନ୍ତ୍ରଣ କରୁଥିଲା । ତେଣୁ ଆଗାମୀ ଦିନରେ ତୁର୍କୀକୁ ଟାର୍ଗେଟ କରିବାକୁ ଯାଇ ଭାରତର ବିମାନବନ୍ଦର ସେବାରୁ ତୁର୍କୀ କମ୍ପାନୀକୁ ଅନ୍ତର କରାଯିବା ସହ ଭାରତର ପର୍ଯ୍ୟଟକମାନଙ୍କୁ ତୁର୍କୀକୁ ନଯିବା ଲାଗି କୁହାଯିବା ପରେ ତା'ର ପ୍ରଭାବ ମଧ୍ୟ ଦେଖିବାକୁ ମିଳିଛି । ଭାରତର ପ୍ରଧାନମନ୍ତ୍ରୀ ମୋଦି ଉତ୍ତର ସାଇପ୍ରସକୁ ଦଖଲ କରିଥିବା ତୁର୍କୀ ପାଇଁ ସାଇପ୍ରସ କାର୍ଡ ଖେଳିବାକୁ ଯାଇ ଭାରତର ସନ୍ଦେଶ ଶୁଣାଇ ଦେଇଛନ୍ତି । ସାଇପ୍ରସ ତୁର୍କୀର ଶତ୍ରୁରାଷ୍ଟ୍ର ହୋଇଥିବା ଯୋଗୁ ଆଗାମୀ ଦିନରେ ସାଇପ୍ରସ ପ୍ରସଙ୍ଗକୁ ବିଶ୍ୱମଞ୍ଚରେ ସମର୍ଥନ ଦେଇ ଭାରତ ତୁର୍କୀ-ବିରୋଧୀ ଅଭିଯାନ କରିବ ବୋଲି ସ୍ପଷ୍ଟ ହୋଇଛି ।

ଇନ୍ଦିରା ଗାନ୍ଧୀ, ଅଟଳ ବିହାରୀ ବାଜପେୟୀଙ୍କ ପରେ ନରେନ୍ଦ୍ର ମୋଦୀ ଭାରତର ତୃତୀୟ ପ୍ରଧାନମନ୍ତ୍ରୀ ଯିଏକି ସାଇପ୍ରସ ଗସ୍ତ କରିଛନ୍ତି । ମୋଦିଙ୍କ ଗସ୍ତକାଳରେ ଯେପରି ସାଇପ୍ରସର ରାଷ୍ଟ୍ରପତି ନିଜେ ବିମାନ ବନ୍ଦରରେ ଉପସ୍ଥିତ ରହି ମୋଦିଙ୍କୁ ଲାଲ କାର୍ପେଟର ସ୍ୱାଗତ ଜଣାଇଲେ ତାହା ବେଶ୍ ଚକିତ କଲାପରି ଥିଲା । ସାଇପ୍ରସ ରାଷ୍ଟ୍ରପତି ନିକୋଲାସ ଖ୍ରୀଷ୍ଟୋଡୁଲିଡେସ ଭାରତରେ ବିମାନ ଦୁର୍ଘଟଣାରେ ମୃତ ଯାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରକାଶ କରିବା ସହ ଭାରତ-ସାଇପ୍ରସ ମଧ୍ୟରେ ରହିଆସିଥିବା ଐତିହାସିକ, ମୂଲ୍ୟବୋଧଭିତ୍ତିକ ଗଣତନ୍ତ୍ର, ଶାନ୍ତି, ବିଶ୍ୱନୀତି ଆଧାରିତ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ । ୧୯୭୪ରୁ ତୁର୍କୀ ସମର୍ଥିତ ସେନା ଉତ୍ତର ସାଇପ୍ରସକୁ ବଳପୂର୍ବକ ଦଖଲରେ ରଖିଥିବା ହେତୁ ସାଇପ୍ରସକୁ ସମର୍ଥନ କରି ଭାରତ ତୁର୍କୀ ବିରୋଧୀ କାର୍ଯ୍ୟକ୍ରମକୁ ସାଇପ୍ରସରେ ସୁଦୃଢ଼ କରିବାକୁ ପ୍ରୟାସ କରି ସଫଳ ହୋଇଛି । ତୁର୍କୀ ଭାରତର ଶତ୍ରୁରାଷ୍ଟ୍ର ପାକିସ୍ଥାନକୁ ସମର୍ଥନ କଲାପରି ଭାରତ ତୁର୍କୀର ଶତ୍ରୁରାଷ୍ଟ୍ର ସାଇପ୍ରସକୁ ସମର୍ଥନ କରିବା ସହ ପ୍ରତିରକ୍ଷା କ୍ଷେତ୍ରରେ ବ୍ୟାପକ ସହଯୋଗ କରିବାକୁ ଆଗ୍ରହ ପ୍ରକାଶ କରିଛି । ଭାରତପରି ବଡରାଷ୍ଟ୍ରର ଆର୍ଥିକ ଏବଂ ସାମରିକ ସହଯୋଗ ପାଇଲେ ସାଇପ୍ରସ ତୁର୍କୀକୁ ଜବାବ ଦେବାକୁ ସକ୍ଷମ ହେବ , ଯାହା ନରେନ୍ଦ୍ର ମୋଦିଙ୍କ ଇଛା ରହିଛି ।

ଅନ୍ୟପକ୍ଷରେ ଦେଖିଲେ ଭାରତ ନିଜସ୍ୱ ସ୍ୱାର୍ଥ ଦୃଷ୍ଟିରୁ ସାଇପ୍ରସକୁ ଅଧିକ ଗୁରୁତ୍ୱ ଦେବାର ମୂଳରେ ରହିଛି ୟୁରୋପରେ ବ୍ୟବସାୟ ଏବଂ ପ୍ରଭାବବୃଦ୍ଧି । କାରଣ ୟୁରୋପୀୟ ୟୁନିଅନରେ ୨୦୨୬ରେ ସାଇପ୍ରସ ଅଧ୍ୟକ୍ଷପଦ ଗ୍ରହଣ କରିବ । ସେହି ସମୟରେ ଭାରତ ସପକ୍ଷରେ ଅଧିକ ନିଷ୍ପତ୍ତି ନିଆଯିବା ଭାରତ ସରକାର ଚାହୁଁଛନ୍ତି । ଆମେରିକା ରାଷ୍ଟ୍ରପତିଙ୍କ ପାଗଳାମୀପୂର୍ଣ୍ଣ ପଦକ୍ଷେପ ଯୋଗୁ ଭାରତର ସଂପର୍କ ଆଗାମୀ ଦିନରେ ଭଲ ନହେବା ପରି ଜଣାପଡୁଛି । ଚୀନ ପରେ ଭାରତକୁ ଚେକ୍ କରିବା ଲାଗି ଆମେରିକା ଯୋଜନା ଆରମ୍ଭ କରିଦେଇଛି । ଭାରତର ସ୍ୱାର୍ଥକୁ ଆଘାତ କଲାପରି ଅନେକ କଠୋର ନିଷ୍ପତ୍ତି ଆଗାମୀ ଦିନରେ ଆମେରିକା ଗ୍ରହଣ କରିପାରେ । ସେଥିପାଇଁ ବାଣିଜ୍ୟିକ ସ୍ୱାର୍ଥକୁ ୟୁରୋପ ସହ ଅଧିକ ସୁଦୃଢ଼ କରିବାକୁ ଭାରତ ଆଗ୍ରହୀ ରହିଛି । ଏହାଛଡା ଭାରତ ୟୁରୋପକୁ ଯେଉଁ ବାଣିଜ୍ୟିକ ମାର୍ଗ ନିର୍ମାଣ କରିବାକୁ ଚାହୁଁଛି ସେଥିରେ ସାଇପ୍ରସକୁ ରଖିବାର କାରଣ ହେଲା ଯେ ଏହା ଗ୍ରୀକ୍ ଭାଷାଭାଷୀ ଲୋକଙ୍କ ଅଞ୍ଚଳ ହୋଇଥିବା ହେତୁ ଏବଂ ଗ୍ରୀସର ଭାରତରୁ ପରିବହନ କରିଡରରେ ସାମିଲ କରିସାରିଥିବାର ସାଇପ୍ରସକୁ ସେଥିରେ ମିଶାଇବା ପାଇଁ ଚାହୁଁଛି । ଆଗାମୀ ଦିନରେ ଭାରତ- ଗ୍ରୀସ୍-ଆର୍ମେନିଆ ମଧ୍ୟରେ ଏକ ତ୍ରିଶକ୍ତି ମେଣ୍ଟ ଗଠନ ହେବାର ସମ୍ଭାବନା ରହିଛି । ତୁର୍କୀ ନିକଟସ୍ଥ ରାଷ୍ଟ୍ରଗୁଡିକୁ ନିଜ ସପକ୍ଷରେ ରଖିବା ସହ ତୁର୍କୀ ବିରୋଧୀ ଅଭିଯାନକୁ ଜୋର୍‌ଦେବା ଏବଂ ଭାରତର ଶତ୍ରୁବୋଧକୁ ସୁଦୃଢ଼ କରିବାକୁ ଭାରତ ସରକାର ଚାହୁଁଛନ୍ତି । ୟୁରୋପର ବନ୍ଦରଗୁଡିକ ସହ ଭାରତକୁ ଯୋଡିବା ପାଇଁ ଅଧିକ ପୁଞ୍ଜିନିବେଶ, ନିର୍ମାଣରେ ଭାରତ ସାମିଲ ହେବାକୁ ଚାହୁଁଛି, ଯାହା ଫଳରେ ବାଣିଜ୍ୟିକ ମାର୍ଗ ସହ ପ୍ରବେଶ ପଥଗୁଡିକ ଅଧିକ ଉନ୍ମୁକ୍ତ ହେବ । ସାଇପ୍ରସର ବନ୍ଦରଗୁଡିକରେ ଏଥିପାଇଁ ଭାରତ ପାଇଁ ଢେର ସୁଯୋଗ ରହିଛି । ଏହାଛଡା ୟୁରୋପର ନାଟୋ ମେଣ୍ଟରେ ଥିବା ରାଷ୍ଟ୍ରଗୁଡିକ ଆଗାମୀ ଦିନରେ ଆମେରିକାଠାରୁ ନିର୍ଭରଶୀଳତା ହ୍ରାସ କରିବାକୁ ଯୋଜନା କରୁଛନ୍ତି । ପ୍ରତିରକ୍ଷା ସାମଗ୍ରୀ ବିକ୍ରୟ ଏବଂ ଆଧୁନିକୀକରଣ କ୍ଷେତ୍ରରେ ଭାରତ ୟୁରୋପୀୟ ରାଷ୍ଟ୍ରଗୁଡିକୁ ଆମେରିକା ତୁଳନାରେ କମ୍ ମୂଲ୍ୟରେ ଅଧିକ ସହାୟତା ଯୋଗାଇପାରିବ । ୟୁରୋପରେ ଭାରତର ପ୍ରତିରକ୍ଷା ସାମଗ୍ରୀ ବିକ୍ରିକୁ ବୃଦ୍ଧି କରିବାକୁ ଭାରତର ଲକ୍ଷ୍ୟ ଥିବା ହେତୁ ଏବଂ ଭାରତର ପ୍ରତିରକ୍ଷା ସାମଗ୍ରୀର ମାନ ଅନ୍ୟ ନିର୍ମାଣକାରୀ ରାଷ୍ଟ୍ରଗୁଡିକ ତୁଳନାରେ ଅଧିକ ଭଲ ଏବଂ ଶସ୍ତା ରହୁଥିବା ହେତୁ ବହୁରାଷ୍ଟ୍ର ଆଗାମୀ ଦିନରେ କ୍ରେତା ହେବାର ସମ୍ଭାବନା ରହିଛି । ଭାରତ-ସାଇପ୍ରସ-ଗ୍ରୀସ ମଧ୍ୟରେ ବାଣିଜ୍ୟ ଏବଂ ନିବେଶ ପାଇଁ ଲକ୍ଷ୍ୟ ରଖାଯାଇଛି । ସାଇପ୍ରସ ଭିଜନ-୨୦୩୫କୁ ନେଇ କାର୍ଯ୍ୟକରୁଥିବା ପରି ଭାରତ ବିକଶିତ ଭାରତ-୨୦୪୭କୁ ନେଇ କାର୍ଯ୍ୟ କରୁଛି । ଭାରତ ସରକାର ଡିଜିଟାଲ କାରବାର ପାଇଁ ୟୁପିଆଇକୁ ସାଇପ୍ରସରେ ଚାଲୁକରିବା ସପକ୍ଷରେ ରହିଛନ୍ତି । ବର୍ତ୍ତମାନ ସୁଦ୍ଧା ୭ଟି ଦେଶରେ ୟୁପିଆଇ ବ୍ୟବସ୍ଥା ଚାଲୁ ହୋଇଥିବାରୁ ଆଗାମୀ ଦିନରେ ଅଧିକ ଦେଶକୁ ଏହା ପ୍ରସାରିତ କରିବାକୁ ସରକାରଙ୍କ ଆଗ୍ରହ ରହିଛି ।

ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତାଙ୍କ ଗସ୍ତକାଳରେ ସାଇପ୍ରସର ସର୍ବୋଚ୍ଚ ନାଗରିକ ସମ୍ମାନ "ଗ୍ରାଣ୍ଡ କ୍ରସ ଅଫ୍ ଦି ଅର୍ଡର ଅଫ୍ ମାକାରିଓସ୍-୩"ମିଳିଥିଲା । ମୋଦି ସେହି ସମ୍ମାନକୁ ଦେଶବାସୀଙ୍କ ସମ୍ମାନ ବୋଲି କହିଥିଲେ । ସାଇପ୍ରସର ସାଂସଦ ମୋଦିଙ୍କ ଚରଣ ସ୍ପର୍ଶ କରି ପ୍ରଣାମ କରିବା ଘଟଣା ବଡ ଚର୍ଚ୍ଚାର ବିଷୟ ପାଲଟିଥିଲା । ମୋଦିଙ୍କ ପ୍ରତି ସାଇପ୍ରସର ଲୋକଙ୍କ ମନରେ ଯେଉଁ ଶ୍ରଦ୍ଧା ରହିଆସିଛି ଏହା ତାର ନିଦର୍ଶନ ଥିଲା । ମୋଦିଙ୍କ ଗସ୍ତକାଳରେ ଉତ୍ତର ସାଇପ୍ରସର ଅଞ୍ଚଳ ବା ତୁର୍କୀ ସମର୍ଥିତ ବାହିନୀ ଦଖଲକରି ରଖିଥିବା ଅଞ୍ଚଳ ଦେଖିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯାଇଥିଲେ । ଆଗାମୀ ଦିନରେ ତୁର୍କୀ ବିରୋଧରେ ଏବଂ ସାଇପ୍ରସର ଅଖଣ୍ଡତା ସପକ୍ଷରେ ଭାରତ ବିଶ୍ୱମଞ୍ଚରେ ଦାବି କରିବାକୁ ମନସ୍ଥ କରିଛି ଯାହାକି, ତୁର୍କୀ ସରକାରଙ୍କ ଚିନ୍ତାକୁ ବଢାଇବ ।

ଦୁଇଦେଶ ମଧ୍ୟରେ ପଞ୍ଚବାର୍ଷିକ କାର୍ଯ୍ୟଯୋଜନା (୨୦୨୫-୨୯) ଆରମ୍ଭ କରାଯିବାକୁ ନିଷ୍ପତ୍ତି ହୋଇଛି । ଭୂମଧ୍ୟ ସାଗରରେ ମିଳିଥିବା ତୈଳକୂପରୁ ଉତ୍ତୋଳନ ପାଇଁ ତୁର୍କୀ ପ୍ରତିବନ୍ଧକ ହେଉଥିବାରୁ ଭାରତ-ସାଇପ୍ରସ ମିଳିତ ଭାବରେ ତୈଳ ଉତ୍‌ଖନନ କରିବାକୁ ଯୋଜନା କରିଛନ୍ତି । ଏ କ୍ଷେତ୍ରରେ ଭାରତର ଦକ୍ଷତା ରହିଥିବାରୁ ଏବଂ ବିଶୋଧନ କ୍ଷେତ୍ରରେ ଭାରତୀୟ କମ୍ପାନୀମାନେ ପୃଥିବୀରେ ଅଗ୍ରଣୀ ଥିବା ହେତୁ ସାଇପ୍ରସ ଏହାର ସୁବିଧା ପାଇପାରିବ । କୌଣସି ରାଷ୍ଟ୍ର ଉତ୍ତର ସାଇପ୍ରସକୁ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ଆଜିଯାଏଁ ଦେଇନାହାନ୍ତି ଭାରତ ତୁର୍କୀର ଜବରଦଖଲ ବିରୋଧରେ ସାରା ବିଶ୍ୱରେ ପ୍ରଚାରକଲେ ସାଇପ୍ରସର ଲାଭ ହେବ, ତୁର୍କୀର କ୍ଷତି ହେବ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତକାଳରେ ଦୁଇଦେଶର ବାଣିଜ୍ୟିକ କ୍ଷେତ୍ରର ନେତୃବୃନ୍ଦଙ୍କ ମଧ୍ୟରେ ବୈଠକର ଆୟୋଜନ ହୋଇଥିଲା । ଆଗାମୀ ଦିନରେ ଦୁଇଦେଶ ମଧ୍ୟରେ ବାଣିଜ୍ୟିକ ସହଯୋଗ ବୃଦ୍ଧି କରାଯିବାକୁ ନିଷ୍ପତ୍ତି ହୋଇଥିଲା । ୨୦୨୩-୨୪ରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୩୭ ମିଲିଅନ ଡଲାର ଥିଲା । ଭାରତର ଔଷଧ, ପୋଷାକ, ଲୌହ ଓ ଇସ୍‌ପାତ, ମେସିନ୍ ଓ ଯନ୍ତ୍ରପାତି, ରାସାୟନିକ ପଦାର୍ଥ ମୁଖ୍ୟତଃ ସାଇପ୍ରସକୁ ରପ୍ତାନୀ ହେଉଛି । ସାଇପ୍ରସ ସହ ପ୍ରତିରକ୍ଷା ବାଣିଜ୍ୟ ବଢିଲେ ଭାରତର ରପ୍ତାନୀ ବହୁଗୁଣିତ ହେବ ଏଥିରେ ସନ୍ଦେହ ନାହିଁ । ମୋଦିଙ୍କ ଏହି ଗସ୍ତ ଯୋଗୁ ଆଗାମୀ ଦିନରେ ଭାରତ ଲାଭବାନ ହେବ ନିଶ୍ଚୟ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ଜୀବନ ରଥ : ଶ୍ରୀଜଗନ୍ନାଥ

**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ବିଶ୍ୱର ବିଭିନ୍ନ ଧର୍ମ-ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ ଦୂରରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଭଗବାନ ଓ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି। ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହତ୍ତମ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ୍ୟ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ। ମୃତ୍ୟୁକାଳେ ଯେ ଭାବ ଧରି ଶରୀର ଛାଡ଼ି ଜୀବନ ଯାଏ ଜନ୍ମେ ପୁଣି ସେପରି ସ୍ଥାନେ ସହି ଭାବପଥ ଯେବେ ପାଏ। ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତାହା ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ। ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚାଇ ଦିଅନ୍ତି ଯେ ଜନ୍ମ, ଜୀବନ ବା ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ। ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ। ତେଣୁ, ତାଙ୍କୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ୍ୟ ସେ ମୁକ୍ତି ପାଇଥାଏ। ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରୀକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ। ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏହି ବିଗ୍ରହ। ହିନ୍ଦୁଧର୍ମର ପବିତ୍ର ଗ୍ରନ୍ଥ ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକ୍ରୀଷ୍ଣ ଭକ୍ତପ୍ରବର ଅର୍ଜ୍ଜୁନଙ୍କୁ କହିଛନ୍ତି - ଯଦା ଯଦା ହି ଧର୍ମସ୍ୟ..... ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ। ପରବ୍ରହ୍ମ ସନାତନ ଆଦି-ଶବ୍ଦ-ବ୍ରହ୍ମ ରୂପରେ ଯୁଗେ ଯୁଗେ ଲୀଳା କରନ୍ତି। ଏହି ଅବତାର ବାଦରେ ଆର୍ଯ୍ୟ ସନାତନ ଧର୍ମ ଶ୍ରୀରାମ, ଶ୍ରୀକ୍ରୀଷ୍ଣ, ଶ୍ରୀବୁଦ୍ଧ, ଶ୍ରୀଯୀଶୁ, ଶ୍ରୀମହମ୍ମଦ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ, ଓ କଳିଯୁଗର ଶେଷ ଅବତାର କଳକୀ ବିଗ୍ରହ ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଭାବଧାରାରେ ସ୍ନାତ, ପରିପୁଷ୍ଟ ଓ ସ୍ୱୟଂସିଦ୍ଧ। ନୀଳାଚଳଧାମରେ ବିରାଜିତ ଶ୍ରୀଜଗନ୍ନାଥଙ୍କର ନାଭି ବ୍ରହ୍ମରେ ଭଗବାନ ଶ୍ରୀକ୍ରୀଷ୍ଣଙ୍କର ବ୍ରହ୍ମ ବିରାଜିତ। ମହାପ୍ରଭୁ ଶ୍ରୀଚୈତନ୍ୟ ଅଗଣିତ ଭକ୍ତ ମାନଙ୍କ ସହ ଏହି ନୀଳାଚଳଧାମରେ ଲୀଳାଖେଳ କରିଥିଲେ ଓ ଶେଷରେ ପରବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମରେ ଲୀନ ହୋଇଯାଇଥିଲେ। ଶ୍ରୀଜଗନ୍ନାଥ କହୁଛନ୍ତି - ମୋତେ ଧର, ଜୀବନରେ ଗ୍ରହଣ କର, ମୋର ଅନୁଶାସନ ମାନି ଚାଲ, ମୋତେ ରକ୍ଷା କର, ନ ମେ ଭକ୍ତ ପ୍ରଣଶ୍ୟତି। ଭକ୍ତମାନେ କୁହନ୍ତି - ଭଗବାନ ଦୟା କରନ୍ତି, କାରଣ ସେ ଅହେତୁକ



କୃପାସିନ୍ଧୁ। ସେ ଯେତେବେଳେ କୃପା କରନ୍ତି ମନୁଷ୍ୟ ସେତେବେଳେ ପଥ ପାଏ। ବିପଦରୁ ଉଦ୍ଧାର ହୁଏ। ଶ୍ରୀ ଶ୍ରୀ ଠାକୁର ଚିନ୍ତା ଜଗତରେ ଏହି ଧାରାକୁ ଏକ ବିପ୍ଳବାତ୍ମକ ସିଦ୍ଧାନ୍ତ ନେଇ କହିଛନ୍ତି - ଜଗତରେ ହେତୁ ଛଡ଼ା କିଛି ହୁଏ ନାହିଁ। ଅହେତୁକୀ କୃପା ବୋଲି କିଛି ନାହିଁ। କୃପା ଯେତେବେଳେ ଭକ୍ତ ପାଏ, ତାର ପଶ୍ଚାତରେ ହେତୁ ଅବଶ୍ୟହିଁ ଅଛି। ଏହା ତୁମେ ବୁଝି ପାର ବା ନପାର। ଯଦି ଅହେତୁକୀ କୃପା ତୁମେ ପାଇଛ ବୋଲି ହୃଦ୍‌ବୋଧ କର, ତାହା ହେଲେ ଜାଣି ରଖ ଅହେତୁକୀ ଭକ୍ତି ଏହାର ପଶ୍ଚାତରେ ଅବଶ୍ୟ ହିଁ ରହିଛି। ଅହେତୁକୀ ଭକ୍ତି ଛଡ଼ା ଅହେତୁକୀ କୃପା ମିଳେ ନାହିଁ। ଶ୍ରୀ ଜଗନ୍ନାଥ ମହାପ୍ରଭୁ ହସ୍ତ ବିହୀନ ହୋଇ ଏହି ସତ୍ୟ ହିଁ ପ୍ରକାଶ କରିଛନ୍ତି ଯେ ତୁମେ ତାଙ୍କୁ ଧର, ଭଲପାଅ, ତାଙ୍କର ପ୍ରୀତ୍ୟର୍ଥେ କର୍ମ କର, ପ୍ରତି ମନୁଷ୍ୟ ପାଖରେ ଈଶ୍ୱରଙ୍କର ଏହି ପ୍ରତ୍ୟାଶା।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ଓ ଉପାସନା ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧ୍ୟାତ୍ମିକ ଚେତନା ଭିତରେ ସ୍ୱୀକୃତ। ଇସ୍‌ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏହି ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ବ୍ୟାପ୍ତ। ଏହି ବୃକ୍ଷରେ ଆଲ୍ଲା ବିରାଜମାନ କରିଥାନ୍ତି। ଖ୍ରୀଷ୍ଟିୟାନ ଧର୍ମର ଦି ବୁକ୍ ଅଫ୍ ଖ୍ରୀଷ୍ଟିୟାନିଟିରେ ଜ୍ଞାନତରୁ ବିଷୟରେ ବର୍ଣ୍ଣିତ। ସେହିପରି ବୌଦ୍ଧମାନଙ୍କ ବୋଧିଦ୍ରୁମ ଓ ଜୈନମାନଙ୍କର କଳ୍ପପାଦପ ଉପାସନାରେ ଏହି ବୃକ୍ଷ ବା ଦାରୁ ଉପାସନା ହିଁ ପରିଲକ୍ଷିତ ହୋଇଥାଏ। ଜନଜାତି ଆଦିବାସୀ ସଂସ୍କୃତିରେ ବୃକ୍ଷ ପୂଜା ପରମ୍ପରା ବହୁ ପ୍ରାଚୀନ। ତେଣୁ ବୈଦିକ ସଂସ୍କୃତିରେ ଦାରୁ ଉପାସନା ଏକ ବହୁ ପ୍ରଚଳିତ ପଦ୍ଧତି। ଶ୍ରୀପୁରୁଷୋତ୍ତମ ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ଜଣକର ନୁହଁନ୍ତି, ସେ ହେଉଛନ୍ତି ଗଣର ଦେବତା। ବର୍ଷକରେ ଗୋଟିଏ ଦିନ ପାଇଁ ବଡ଼ଦାଣ୍ଡର ଜନସମୁଦ୍ର ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କୁ ପାବନ କୃପା ପ୍ରଦର୍ଶନ ପାଇଁ ସେ ହେଉଛନ୍ତି ପତିତପାବନ। ମନେ ରଖିବା ଉଚିତ ଯେ ଜୀବନ ଯାତ୍ରା ପଥରେ ସମସ୍ତ ପ୍ରକାରର ବିଳାସ-ବାସନା, ନୃତ୍ୟ-ଗୀତ, ଆମୋଦ-ପ୍ରମୋଦ ହେଉଛି ରଥଯାତ୍ରାର ଶୋଭାଯାତ୍ରା ଭଳି । ଜୀବନ ହେଉଛି ଏକ ରଥଯାତ୍ରା । ଏହି କଥା ମନରେ ରଖି ମନୁଷ୍ୟ ନିଜର ସମସ୍ତ କର୍ମର ବିଚାର କରିବା ଉଚିତ । ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନ ବା ଗୁରୁଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧ୍ୟାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ। ଇଷ୍ଟଲାଗି କର୍ମ କରା, ତାହା ହିଁ ହେଲା ପୁଣ୍ୟେଭରା। କେବଳ ଧନୀ ବା ବିତ୍ତଶାଳୀ ନୁହଁନ୍ତି ଜଣେ ନିର୍ଧନ ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ। ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତ୍ତରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରିପାରିବ। ଅପରର ମଙ୍ଗଳ କାମନା ହିଁ ନିଜ ମଙ୍ଗଳର ପ୍ରସୂତୀ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ। ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ । ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ । ପୁରୁଷୋତ୍ତମ ଭଗବାନ କଳକୀ ବିଗ୍ରହ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼କଣ୍ଠରେ ଉଦ୍‌ଘୋଷଣା କଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି, ଫାଙ୍କି ଦେଲେ ତାହା ହିଁ ପାଇବ।

ପ୍ରତିରତ୍ୱିକ ଓ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ବିଷମକଟକରେ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରାରେ ଭକ୍ତଙ୍କ ଅପାର ଭିଡ

ବିଷମକଟକ, (ମହାଭାରତ) : ରାୟଗଡା ଜିଲ୍ଲା ବିଷମକଟକ ସହରରେ ବିରାଜିତ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବାର୍ଷିକ ରଥଯାତ୍ରା ଶୁକ୍ରବାର ଦିନ ଧାର୍ମିକ ଉତ୍ସାହ ଓ ମହାସମାରୋହ ମଧ୍ୟରେ ପାଳନ କରାଯାଇଛି। ସକାଳୁ ମନ୍ଦିର ପରିସରରେ ତିନି ଠାକୁରଙ୍କ ପୂଜା ଓ ନୀତିକାନ୍ତି ପରେ ପହଣ୍ଡି ବିଧି ଆରମ୍ଭ ହୋଇଥିଲା। ସାଢେ ୧୧ଟା ସମୟରେ ବ୍ରାହ୍ମଣ ସେବାୟତମାନେ ଠାକୁରଙ୍କୁ ପହଣ୍ଡି ପାଇଁ ପ୍ରସ୍ତୁତ କରିଥିଲେ। ପ୍ରଶାସନ ତରଫରୁ ଟାହିଆ ଆସିବା ପରେ ଠାକୁରଙ୍କୁ ଲାଗି କରି, ରଥଖଳାକୁ ଅଣାଯାଇଥିଲା। ପରେ ବ୍ରାହ୍ମଣ ସମାଜ ତରଫରୁ ପହଣ୍ଡି କାର୍ଯ୍ୟ ହେଇ ଶ୍ରୀଜୀଉମାନଙ୍କୁ ଚାରି ବେଳେ ପରିକ୍ରମା କରାଯାଇଥିଲା। ଘଣ୍ଟାଧ୍ୱନି, ହୁଳହୁଳି, ହରିବୋଲ ଓ ସଂକୀର୍ତ୍ତନ ର ସମ୍ମିଳିତ ଧ୍ୱନିରେ ସମ୍ପୂର୍ଣ୍ଣ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ପହଣ୍ଡି ଶେଷରେ ଠାକୁରଙ୍କୁ ରଥାରୂଢ କରାଯାଇ, ପୂଜାର୍ଚ୍ଚନା ସହିତ ନୀତିକାନ୍ତି ସଂପନ୍ନ କରାଯାଇଥିଲା। ଦିନ ୨ଟା ସମୟରେ ପୁରହିତ ଶିବରାମ ମହାପ୍ରଭୁଙ୍କ ରଥରେ ଛେରା ପହଁରା କରିଥିଲେ। ଏହି ପରେ ଅପରାହ୍ନ ୪.୩୦ରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ହଜାର ହଜାର ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଘୋଷଯାତ୍ରାରେ ଭାଗ ନେଇଥିଲେ। କହଲିଆ ପାଗ ଆରମ୍ଭ ହେବା ସହିତ ଭକ୍ତଙ୍କ ଭିଡ ତୀବ୍ର ଭାବେ ବଢ଼ିଥିଲା। ସୁସ୍ଥ ଓ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ଉତ୍ସବ ପାଳନ ପାଇଁ ବିଷମକଟକ ପୋଲିସ ତରଫରୁ ମଜବୁତ ପୋଲିସ ବ୍ୟବସ୍ଥା ଗଠନ କରାଯାଇଥିଲା। ସନ୍ଧ୍ୟା ୭ଟା ସମୟରେ ମହାପ୍ରଭୁ ଆଡ଼ପ ମଣ୍ଡପ ବିଜେ କରି 'ମିନ ଅବତାର' ରୂପେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ।

## ଗୁଣ୍ଡିଚା ବାଡ଼ିରେ ଅନ୍ନ ପ୍ରସାଦ ବିତରଣ କାର୍ଯ୍ୟକ୍ରମ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ଗୁଣ୍ଡିଚାବାଡ଼ିରେ ଅନ୍ନ ପ୍ରସାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି।ଭକ୍ତମାନେ ଆସି ମହାପ୍ରଭୁଙ୍କ ଅନ୍ନ ପ୍ରସାଦ ସେବନ କରୁଛନ୍ତି। ଠାକୁରଙ୍କୁ ଅନ୍ନ ଭୋଗ ହେଲା ପରେ ମନ୍ଦିର ସେବାୟତମାନେ ପ୍ରସାଦ ସେବନ କରିଥିଲେ। ତା ପରେ ଭକ୍ତ ମାନଙ୍କୁ ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା।ରଥଯାତ୍ରା ଅନ୍ନ ପ୍ରସାଦ କମିଟି ପକ୍ଷରୁ ଗୁଣ୍ଡିଚା ବାଡିରେ ପ୍ରତିଦିନ ଅନ୍ନ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରଥଯାତ୍ରା ଅନ୍ନ ପ୍ରସାଦ କମିଟିର ସଦସ୍ୟ ମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ମୃତୟନ କରାଯାଇଛି।ଭକ୍ତ ମାନେ ଆତ୍ମ ତୃପ୍ତିରେ ଠାକୁରଙ୍କ ର ଅନ୍ନ ପ୍ରସାଦ ସେବନ କରିଛନ୍ତି।

## ଗ୍ରୀନ୍ ପାରାଦୀପ ଟ୍ରଷ୍ଟ ଓ କାର୍ଯ୍ୟରତ ସାମ୍ବାଦିକମାନଙ୍କ ପକ୍ଷରୁ ପଣା ଓ ଚାରା ବଣ୍ଟନ



ପାରାଦୀପ, (ମହାଭାରତ ): ପାରାଦୀପ ସହରରେ ଦୀର୍ଘ ୪୯ ବର୍ଷ ଧରି ମହାପ୍ରଭୁଙ୍କର ରଥ ଯାତ୍ରା ପାଳିତ ହୋଇ ଆସୁଛି। ଏହି ଅବସରରେ ଶୁକ୍ରବାର ଦିନ ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ରଥଦାଣ୍ଡରେ ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଗ୍ରୀନ୍ ପାରାଦୀପ ଟ୍ରଷ୍ଟ ଓ କାର୍ଯ୍ୟରତ ସାମ୍ବାଦିକ, ପାରାଦୀପ ପକ୍ଷରୁ ଭକ୍ତମାନଙ୍କ ନିମର୍ତ୍ତେ ଜଳ ସେବା କେନ୍ଦ୍ର ଖୋଲା ଯାଇଥିଲା । ଏହି କେନ୍ଦ୍ରକୁ ପାରାଦୀପର ନଗରପାଳ ବସ' ବିଶ୍ୱାଳ ଉଦଘାଟନ କରିଥିଲେ । ପାରାଦୀପ ରଥଯାତ୍ରା ଦେଖିବାକୁ ଆସିଥିବା ଭକ୍ତମାନଙ୍କୁ ଦହିପଣା, ପାନୀୟ ଜଳ ବଣ୍ଟନ କରାଯାଇଥିଲା। ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷ ରୋପଣର ଆବଶ୍ୟକତା ରହିଛି ଏହାକୁ ଦୃଷ୍ଟିରେ ରଖି ଏହି ଦୁଇ ସଙ୍ଗଠନ ପକ୍ଷରୁ ଜନସାଧାରଣଙ୍କୁ ଚାରା ବଣ୍ଟନ କରାଯାଇଥିଲା । ଗ୍ରୀନ୍ ପାରାଦୀପ ଟ୍ରଷ୍ଟର ସଭାପତି ରାକେଶ କୁମାର ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସେବା କାର୍ଯ୍ୟରେ ଟ୍ରଷ୍ଟର ସଦସ୍ୟମାନ ଙ୍କ ସମେତ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଭକ୍ତମାନଙ୍କୁ ଦହିପଣା, ପାନୀୟ ଜଳ ଓ ଚାରା ବଣ୍ଟନ କରିଥିଲେ ।

## ଜେଏସଡବ୍ଲ୍ୟୁ ପକ୍ଷରୁ କୁଂଜବିହାରୀ ରଥଯାତ୍ରାରେ ଜଳସେବା ଶିବିର




ପାରାଦୀପ, (ମହାଭାରତ ): ଜଗତସିଂହପୁର ଜିଲ୍ଲା ଏରସମା ଅନ୍ତର୍ଗତ ଗଡକୁଜଙ୍ଗସ୍ଥିତ କୁଂଜବିହାରୀ ପୀଠରେ ବାସିରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପରମ୍ପରା ଅନୁଯାୟୀ ପୁରୀ ରଥଯାତ୍ରା ପରଦିନ ଏଠାରେ ରଥଟଣା କାର୍ଯ୍ୟ ହୋଇଥାଏ । ଚଳିତ ବର୍ଷ ବର୍ଷାପାଗ ହୋଇଥିଲେ ବି ହଜାର ହଜାର ଭକ୍ତ ଶନିବାର ସକାଳେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମହାପ୍ରଭୁ କୁଂଜବିହାରୀଙ୍କ ସମସ୍ତ ନିତୀକାନ୍ତି ସରିବା ପରେ ରଥଟଣା ହୋଇଥିଲା । ଏହି ଅବସରରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ରଥଦାଣ୍ଡରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଅଧିକାରୀମାନେ ଭକ୍ତମାନଙ୍କୁ ପାଣିୟ ଜଳ ବିତରଣ କରିଥିଲେ । କମ୍ପାନୀର ଏହି ଜନମଙ୍ଗଳ କାର୍ଯ୍ୟକୁ ମନ୍ଦିର ଟ୍ରଷ୍ଟିଙ୍କ ସମେତ ସ୍ଥାନୀୟ ଜନସାଧାରଣ ପ୍ରଶଂସା କରିଥିଲେ ।

## ପାରାଦୀପ ରିଫାଇନାରୀ ପକ୍ଷରୁ ରଥଯାତ୍ରା ପାଳିତ



ପାରାଦୀପ, (ମହାଭାରତ ): ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀ ଟାଉନସିପ୍ ପରିସରରେ ରଥଯାତ୍ରା ପାଳିତ ହୋଇଯାଇଛି । ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ଆଗମନକୁ ଭକ୍ତମାନେ ଉତ୍ସାହ ଓ ଆନନ୍ଦ ସହିତ ପାଳନ କରିଥିଲେ । ପାରମ୍ପାରିକ ବାଦ୍ୟଯନ୍ତ୍ର, ଭଜନ ସହିତ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ପାରାଦୀପ ରିଫାଇନାରୀ ଟାଉନସିପ୍ ପରିସରରେ ଥିବା ଭବ୍ୟ ମନ୍ଦିରରୁ ରଥଯାତ୍ରା ଆରମ୍ଭ ହୋଇଥିଲା, ରାସ୍ତାରେ ହଜା ହଜାର ଭକ୍ତ ଏହି ଯାତ୍ରାରେ ସାମିଲ ହୋଇଥିଲେ। ଭକ୍ତମାନେ ଭଗବାନଙ୍କୁ ପାଖରେ ପାଇ ଆନନ୍ଦ ଅନୁଭବ କରିବା ସହିତ ଆର୍ଶୀବାଦ ଲାଭ କରିଥିଲେ।

## ୫ ଲକ୍ଷ ପରେ ବି କାମରେ ଲାଗୁନି ବସ୍ଷ୍ଟପ

ହାଟଡିହି, (ମହାଭାରତ): ଏପରି ଅବସ୍ଥା ଦେଖିବାକୁ ମିଳିଛି ଢେଙ୍କା ପଞ୍ଚାୟତ ଆଦିବାସୀ ଅଧୁଷିତ ଅଞ୍ଚଳ ପୁରୁଣାପାଣି ଗାଁ ନିକଟ ରେ। ସୂଚନା ଅନୁଯାୟୀ ପୂର୍ବ ସରକାର ଙ୍କ ସମୟରେ ପ୍ରତି ଛକ ମାନଙ୍କ ରେ ବସ ରହଣୀ ନିମନ୍ତେ ଗୋଟିଏ ଗୋଟିଏ ବସ୍ ରହିବା ସ୍ଥଳ ସରକାରୀ ବ୍ୟୟ ବରାଦ ପାଞ୍ଚ ଲକ୍ଷ୍ୟ ଟଙ୍କା ଖର୍ଚ୍ଚ କରି ତିଆରି କରା ଯାଇଥିଲା। ମାତ୍ର ତାହା ତିଆରି ବେଳେ କୌଣସି ପଶୁଙ୍କ ଅବରୋଧ ନିମନ୍ତେ ବ୍ୟବସ୍ଥା ନଥିବା ରୁ ସେଠାରେ ଏବେ ଛେଳି ଗୋରୁ ଙ୍କ ଗୁହାଳ ପାଲଟି ଯାଇଛି। ଯାହାକୁ ନେଇ ସେହି ଅଞ୍ଚଳର ବସ୍ ରେ ଯିବାକୁ ଅପେକ୍ଷା କରିଥିବା ଲୋକେ ନାହିଁ ନଥିବା ହିନସ୍ଥା ହେଉଛନ୍ତି। ସରକାର କା ମାଲ ଦରିଆ ଡାଲ ହେବା ପରି ଦୃଶ୍ୟ ଦେଖିବାକୁ ମିଳିଛି।

## ଶୀତଳ ଭଣ୍ଡାରରେ ଆସିକାର ସରକାରୀ ବାସଭବନ ଜବରଦଖଲ ଏହାର ଉଚ୍ଛେଦ ପ୍ରକ୍ରିୟା




ଆସିକା, (ମହାଭାରତ) : ବର୍ତ୍ତମାନ ରାଜ୍ୟର ମୁଖ୍ୟ ଚର୍ଚ୍ଚାର ବିଷୟ ସରକାରୀ ବାସଭବନ ଜବରଦଖଲ ପ୍ରସଙ୍ଗ ଥିଲା ବେଳେ ଆସିକାର ବିଭିନ୍ନ ବିଭାଗର ସରକାରୀ ବାସଗୃହ ଗୁଡିକ ଦୀର୍ଘ ବର୍ଷ ହେଲା ଜବରଦଖଲକାରୀଙ୍କ କବ୍ଜାରେ ରହିଛି। ଜବରଦଖଲ କାରୀ ମାନେ ଏହାକୁ ଅବାଧରେ ଭଡାରେ ଲଗାଇଛନ୍ତି। ସରକାରୀ ବାସଭବନ ଜବରଦଖଲ ସାଙ୍ଗକୁ ଭଡାରେ ଲଗାଇବାକୁ କେନ୍ଦ୍ରକରି ରାଜ୍ୟସରକାର ଏହାକୁ ଗୁରୁତର ଦେଇ ନିକଟରେ ଭୁବନେଶ୍ୱର ଜବରଦଖଲ ଦଖଲ ଉଚ୍ଛେଦ ପ୍ରସଙ୍ଗ ମୁଖ୍ୟ ଚର୍ଚ୍ଚା ହୋଇଥିଲାବେଳେ। ଆସିକାରେ ଏହି ଜବରଦଖଲ ଉଚ୍ଛେଦ କେବେ ହେବ ତାହା ବର୍ତ୍ତମାନର ମୁଖ୍ୟ ଚର୍ଚ୍ଚାର୍ବିଷୟ ପାଲଟିଛି। ଜବରଦଖଲ ଉଚ୍ଛେଦ ପାଇଁ ଆସିକା ତହସିଲଦାର, ପୋଲିସ,ବିଜ୍ଞାପିତ ଅଞ୍ଚଳ ପରିଷଦ, ପୂର୍ତ୍ତ ବିଭାଗ ଭଳି ବିଭିନ୍ନ ବିଭାଗ ଦାଇତ୍ୱ ଥିବା ବେଳେ ବଡ଼ ପରିତାପର ବିଷୟ ଆସିକା ତହସିଲ କାର୍ଯ୍ୟାଳୟର ବାସଭବନ ଗୁଡିକ ସର୍ବାଗ୍ରେ ରହିଛି ଜବରଦଖଲରେ ରହିଛି। ଆସିକା ତହସିଲ ର ପାର୍ଶ୍ୱରେ ବହୁ ସରକାରୀ ବାସଭବନ ରହିଥିବା ବେଳେ ଆସିକା ବ୍ଲକ, ଜିଲ୍ଲା କୃଷି ଅଧିକାରୀଙ୍କ ବାସଭବନ, କୃଷି ଯନ୍ତ୍ରୀ ଙ୍କ ବାସଭବନ,ବିହନ ନିଗମ ଗୋଦାମ ଗୃହ, ଉଠା ଜଳସେଚନ ବିଭାଗ, ଆସିକା ବନବିଭାଗ ଅଧିକାରୀ ଙ୍କ ବାସଭବନ, କାର୍ଯ୍ୟାଳୟ, ତାଲୁକା ଛକ ନିକଟରେ ମତ୍ସ୍ୟସମ୍ପଦ ବିଭାଗ କାର୍ଯ୍ୟାଳୟ, ବାଲିଶିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଙ୍କ ବାସଭବନ, ବିଦ୍ୟୁତ ବିଭାଗ ଭଳି ଅନେକ ବିଭାଗର କ୍ୱାଟର ଗୁଡିକ ଜବରଦଖଲରେ ରହିଛି। ଏହା ମଧ୍ୟରୁ ଅନେକ କ୍ୱାଟର ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଓ ରକ୍ଷଣା ବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ଓ ଅନେକ କ୍ୱାଟର ବିଦ୍ୟୁତ ଓ ଜଳ ଯୋଗାଣ ଥାଇ ଭଡାରେ ଲଗାଇଲେଣି ତ କିଏ ସେହି କ୍ୱାଟର ନିଜ ଅକ୍ତିଆର କୁ ନେଇ ନିଜର କୋଠା ଘର ନିର୍ମାଣ କରିସାରିଲେଣି ତ କିଏ ଏହି କ୍ୱାଟର ଗୁଡିକୁ ତୃତୀୟ ପକ୍ଷକୁ ଲିଜ ଦେଇସାରିଲେଣି। ବିଭାଗ ଗୁଡିକରେ ଏହି ଜବରଦଖଲ ଓ ସରକାରୀ ବାସଭାବନ ତଥ୍ୟ ମଧ୍ୟ ମିଳୁନାହିଁ। ବିଭାଗୀୟ ଅଧିକାରୀ ମାନଙ୍କୁ ଏହି ବାସଭବନ ବିଷୟରେ ପଚାରିଲେ ଚିରାଚରିତ ଢଙ୍ଗରେ ବିଭାଗୀୟ ଅଧିକାରୀ ମାନେ ହାଲୁକା ଓ ଦାଇତ୍ୱ ହୀନ ମନ୍ତବ୍ୟ ଦେଉଛନ୍ତି। ପ୍ରତ୍ୟେକ ସରକାରୀ ଅଧିକାରୀ ସେମାନଙ୍କ ପାଇଁ ଥିବା ବାସଭବନ ବଣ୍ଟନ ଓ ପରିଚାଳନା ପାଇଁ ସରକାରୀ ନିୟମ ଥିଲା ବେଳେ ଏହାକୁ ବିଭାଗୀୟ ଅଧିକାରୀ ମାନେ ପାଳନ କରୁନାହାନ୍ତି। ଶତକଡା ୧୦୦%ସରକାରୀ କ୍ୱାଟର ଗୁଡିକରେ ସରକାରୀ କର୍ମଚାରୀ ରହୁନାହାନ୍ତି। ଅନେକ ସରକାରୀ ଅଧିକାରୀ ଲକ୍ଷ ଲକ୍ଷ ଟଙ୍କା ବାସଗୃହ ବାବଦକୁ ସରକାରଙ୍କ ଠାରୁ ନେଉଥିଲା ବେଳେ ସେମାନେ ନିଜ କାର୍ଯ୍ୟ ସ୍ଥଳୀରେ ନରହି ନିଜ ନିଜ ଘରକୁ ଚାଲିଯାଉଛନ୍ତି। ଯାହାଦ୍ୱାରା ସେମାନେ ନିଜ କାର୍ଯ୍ୟ ସ୍ଥଳୀରେ ବିଳମ୍ବରେ ପହଞ୍ଚିବା ସହିତ ଶୀଘ୍ର ଘରକୁ ପଳାଇଯାଉଛନ୍ତି। ଆସିକାରେ ସରକାରୀ ଜମି ରୁ ଆରମ୍ଭ କରି ସରକାରୀ କ୍ୱାଟର ଜବରଦଖଲ ବର୍ତ୍ତମାନ ଚର୍ଚ୍ଚାର୍ବିଷୟ ପାଲଟିଛି। କୋଟି କୋଟି ଟଙ୍କାର ଏହି ସରକାରୀ କ୍ୱାଟର ଜରାଜୀର୍ଣ୍ଣ ସାଙ୍ଗକୁ ଜବରଦଖଲ ରେ ରହିଛି। ଜିଲ୍ଲା ପ୍ରଶାସନ ଏଥି ପ୍ରତି ତୁରନ୍ତ ଦୃଷ୍ଟି ଦେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଏହି ଜବରଦଖଲ ଉଚ୍ଛେଦ କରିବାକୁ ଆସିକା ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି। ପ୍ରକାଶ ଥାଉକି ବର୍ତ୍ତମାନ ଶାସିତ ସରକାର ବିଭିନ୍ନ ସରକାରୀ ଜମି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା ବେଳେ ଆସିକାରେ ଏହାର ପ୍ରଭାବ କେବେ?

## ଖୋର୍ଦ୍ଧା ବଲାଙ୍ଗୀର ରେଳ ପ୍ରକଳ୍ପର ଦ୍ୱିତୀୟ ବୃହତମ ରେଳ ବ୍ରିଜ



ଦଶପଲ୍ଲା, (ମହାଭାରତ ): କେନ୍ଦ୍ର ସରକାର ତଥା ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ଙ୍କ ନିର୍ଦ୍ଦେଶ କୁ ସାକାର କରିବାକୁ ରେଳ ବିଭାଗ ର ତତ୍ପରତା ବୃଦ୍ଧି ପାଇଛି। ତେବେ ମୋଦିଜୀଙ୍କ ସ୍ୱପ୍ନ ଥିଲା ପ୍ରତି ଗାଁ କୁ, ପ୍ରତି ଜିଲ୍ଲାକୁ, ପ୍ରତି ରାଜ୍ୟକୁ ଯୋଗାଯୋଗ ଓ ଗମନା ଗମନ ସୁବିଧା ହେବା ଦରକାର। ତେବେ ମୋଦି ସରକାର ଆସିବା ପରେ ବହୁ ପ୍ରତିକ୍ଷିତ ଖୋର୍ଦ୍ଧା ବଲାଙ୍ଗୀର ରେଳ ପ୍ରକଳ୍ପ ଯାହାକି ଦଶପଲ୍ଲା ବାସୀଙ୍କ ପାଇଁ ୭୮ ବର୍ଷ ର ସ୍ୱପ୍ନ ହୋଇ ରହିଥିଲା ତାହା ପୂରଣ ହୋଇଛି। ବର୍ତ୍ତମାନ ଦଶପଲ୍ଲା ପର୍ଯ୍ୟନ୍ତ ରେଳ ଗଡି ସାରିଛି। ଏହାକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ କର କମଳରେ ଉଦଘାଟିତ ହୋଇଥିଲା। ବଲାଙ୍ଗୀରକୁ ରେଳ ଯିବା ପାଇଁ ଟନେଲ କାମ ସହିତ ଓଭର ବ୍ରିଜର କାମ ଦ୍ରୁତ ଗତିରେ ଆଗେଇ ଚାଲିଛି। ତେବେ ଦେଶର ଆସାମରେ ରେଳ ଓଭର ବ୍ରିଜ ର ଲମ୍ବ ପ୍ରଥମରେ ଥିବା ବେଳେ ଖୋର୍ଦ୍ଧା ବଲାଙ୍ଗୀର ରେଳ ପ୍ରକଳ୍ପ ନୟାଗଡ଼ ଜିଲ୍ଲା ଦଶପଲ୍ଲା ରେ ଦ୍ୱିତୀୟ ଓଭର ବ୍ରିଜ ବୋଲି ରେଳ ବିଭାଗ ସୂଚନା ଦେଇଛନ୍ତି। ଯାହାକି ପାଞ୍ଚ କିଲୋମିଟର ଲମ୍ବ। ଆଉ ଯେଉଁ ଟନେଲ କାମ ଚାଲିଛି ତାହା ର ଲମ୍ବ ଚାରି କିଲୋମିଟର ବୋଲି ଜଣାପଡିଛି। ଯେଉଁଥି ପାଇଁ ଦଶପଲ୍ଲା ବାସୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କୁ ଅଶେଷ କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି।

## କୁରାଙ୍ଗ ଶାସନରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ୪୮ତମ ରଥଯାତ୍ରା




ବାରଙ୍ଗ, (ମହାଭାରତ) : କଟକ ସଦର ଥାନା ବାରଙ୍ଗ ବ୍ଲକ ଅନ୍ତର୍ଗତ କୁରାଙ୍ଗ ଶାସନ ପଞ୍ଚାୟତର ନଡ଼ିଆ ଗୁରୁଡିଠାରେ ଥିବା ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥ ଯାତ୍ରା ମହାଆଡମ୍ବରରେ ପାଳିତ ହୋଇଯାଇଅଛି । ଅପରାହ୍ନ ୪.୩୦ ମିନିଟ୍ ସମୟରେ ମନ୍ଦିରରୁ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଓ ଭଉଣୀ ସୁଭଦ୍ରା, ବଡ଼ ଭାଇ ବଳଭଦ୍ରଙ୍କୁ ପୁଜା ପଣ୍ଡା ଓ ସେବାୟତଙ୍କ ଦ୍ୱାରା ପହଣ୍ଡି କାର୍ଯ୍ୟ ଆରମ୍ଭ କରି ତିନି ଠାକୁରଙ୍କୁ ରଥରେ ବିଜେ କରାଯାଇଥିଲା। ତିନି ଠାକୁର ରଥ ଉପରକୁ ଆସିବା ପରେ ମନ୍ଦିର ପୂଜକ ବାବା ଜଗନ୍ନାଥ ଦାଶ ପାରମ୍ପରିକ ପ୍ରଥା ଅନୁଯାୟୀ ଛେରା ପହଁରା କରିଥିଲେ । ପରେ ପରେ ହଜାର ହଜାର ଭକ୍ତଙ୍କ ଦ୍ୱାରା ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇ ପ୍ରଭୁ ଶ୍ରୀ ଜଗନ୍ନାଥ ବଡଭାଇ ଭଉଣୀଙ୍କୁ ନେଇ ମାଉସୀ ମା' ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ ।ଏହି ଯାତ୍ରା ଦେଖିବାକୁ ପ୍ରବଳ ଜନ ସମାଗମ ହୋଇଥିଲା । ଭକ୍ତଙ୍କ ହରିବୋଲ ହୁଳହୁଳି ମଧ୍ୟରେ ମାଉସୀ ମା'ଙ୍କ ମନ୍ଦିରରେ ରାତି ୭ ଟା ସମୟରେ ପହଞ୍ଚିଥିଲେ । ଏହି ରଥ ଯାତ୍ରା କାର୍ଯ୍ୟକ୍ରମକୁ ଜଗନ୍ନାଥ ଚେତନା ପରିଷଦ କମିଟି ଉପଦେଷ୍ଟା ମୁରଲୀଧର ବେହେରା, ଅଶ୍ୱିନୀ କୁମାର ମହାପାତ୍ର, ଉମାକାନ୍ତ ମଲ୍ଲିକ, ଅଜୟ କୁମାର ପତି, ଅରୁଣ କୁମାର ସାହୁ,ସଭାପତି ଗିରିଧାରୀ ସାହୁ, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର, ,ଉପ ସଭାପତି ବିଜୟ କୁମାର ମିଶ୍ର,ସହ ସମ୍ପାଦକ ଚିତ୍ତ ରଞ୍ଜନ ପତି, କୋଷାଧ୍ୟକ୍ଷ କବି ନାରାୟଣ ଜେନା,ସଭ୍ୟ ସତ୍ୟ ନାରାୟଣ ମହାନ୍ତି, ପ୍ରକାଶ କୁମାର ନାୟକ, ବିଜୟ କୁମାର ମଲ୍ଲିକ, କବିନ ସେଠୀ, ସଭ୍ୟା ସୁମିତ୍ରା ଦାଶ, ଅଶୋକ ଜେନା, ଅଶୋକ ସାହୁ, ସନାତନ ସାହୁ,ସୁବ୍ରତ ବିଶ୍ୱାଳ, ସନାତନ ସାହୁ,କବି ନାରାୟଣ ସାହୁ, ଜଗତସିଂହପୁର ସାଂସଦ ଶ୍ରୀଯୁକ୍ତ ବିଭୁ ତରାଇଙ୍କ ପ୍ରତିନିଧି ଦିଲୀପ କୁମାର ପାତ୍ର, କୁରାଙ୍ଗ ଶାସନ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ରୋହିଣୀ ଭୋଇ, ସମିତି ସଭ୍ୟ ସତ୍ୟବ୍ରତ ଜେନା ପ୍ରମୁଖ ସହଯୋଗ କରିଥିଲେ । ଏହି ରଥ ଯାତ୍ରାରେ ପ୍ରଥମ ଥର ପ୍ରାଚୀପ୍ରଜ୍ଞା ପରିଷଦ ତରଫରୁ ଧାରାବିବରଣୀ ପ୍ରଦାନ କରାଯାଇଥିଲା । ରଥଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କଟକ ସଦର ଥାନାର ଭାରପ୍ରାପ୍ତ ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା । ଏହି ରଥଯାତ୍ରା କାର୍ଯ୍ୟକ୍ରମଟି ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଛି ।

## ସୋଲାର ଟାଙ୍କି ବିଫଳ: ନଳକୂପ ଅଚଳ

ଜୁନାଗଡ, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଦୁନ୍ଦେଲମାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାକ୍ରିମାଲ ବନ୍ଦପଡ଼ାରେ ବର୍ଷା ଦିନେ ପାଣିର ଅଭାବ ଦିଖାଦେଇଛି। ଅଭିଯୋଗ ଅନୁଯାୟୀ ଏହି ପଡ଼ାରେ ସମସ୍ତଙ୍କ ସୁବିଧା ପାଇଁ ଦୁଇ ବର୍ଷ ପୂର୍ବେ ଏହି ସୋଲାର ପାଣି ଟାଙ୍କି ନିର୍ମାଣ ହୋଇଥିଲା ହେଲେ , ନିର୍ମାଣର କେଇଦିନରେ ମଟର ପୋଡ଼ି, ପାଇପ ଫାଟି ଦୁର୍ଦ୍ଦିନ ପରିସ୍ଥିତି ଜଳ ପ୍ରକଳ୍ପ ମେସିନ। ସଂପୃକ୍ତ ଏହି ପଡ଼ାରେ ୨୦ରୁ ଉର୍ଦ୍ଧ ପରିବାର ବସବାସ କରୁଥିବା ବେଳେ ମାତ୍ର ଗୋଟିଏ ନଳକୂପ ଅଛି ପାଣି ବୁହାଏ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି। ପଞ୍ଚାୟତ ଓ ବ୍ଲକ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ମଧ ଅଚଳ ସୋଲାର ପମ୍ପ ସଚଳ ହୋଇପାରୁନାହିଁ। ଖରା ଦିନେ ପାଣି କଥା ନ କହିବା ଭଲ ବର୍ଷା ଦିନେ ୧୯ ମିନିଟ ପରେ ନଳକୂଅରୁ ପାଣି ବାହାରେ। ଏହି ଗାଁକୁ ଖାଲି ନିର୍ବାଚନ ସମୟରେ ନେତା ମାନେ ଆସିଥାନ୍ତି ଆଉ ବାକି ସମୟରେ ବନ୍ଦପଡ଼ା ଅଛି କି ନାହିଁ କୌଣସି ନେତା ବୁଝନ୍ତି ନାହିଁ । ତେବେ ଏହି ପଡ଼ାର ପାନୀୟ ଜଳ ସମସ୍ୟା ପ୍ରତି ସରକାର ଦୃଷ୍ଟି ଦେଇ ଅଚଳ ସୋଲାର ପ୍ରକଳ୍ପକୁ ସଚଳ କରିବାକୁ ଗ୍ରାମ ବାସୀ ଦାବି କରିଛନ୍ତି।

## ଉଦାସ ଆଶ୍ରମରେ ଗୁରୁଙ୍କ ନବନିର୍ମିତ ମନ୍ଦିରରେ ରତ୍ନମୁଦ ଅର୍ପିତ

ବଡ଼ଚଣା, (ମହାଭାରତ): ଯାଜପୁର ଜିଲ୍ଲାର ଆଜି ଛତିଆ ସୋଲର ନିକଟ ଅବସ୍ଥିତ ଉଦାସ ଆଶ୍ରମ ପରିସରରେ ଶ୍ରୀଗୁଣ୍ଡିଚା ଉପଲକ୍ଷେ ଏକ ଧାର୍ମିକ ଓ ଉତ୍ସବମୟ ପରିବେଶ ରୂପ ନେଇଥିଲା। ପ୍ରଭୁ ଶୂନ୍ୟ ବାସୀ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କ ଷୋଡ଼ଶ ଉପଚାର ପୂଜା ସହିତ ଗୁରୁ ଅଭିଷେକ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆଶ୍ରମ ପିଠାଧିଷ୍ଠ ମହନ୍ତ ସ୍ୱାମୀ ଦିବ୍ୟାଲୋଚନ ମହାରାଜଙ୍କ ପୌରହିତ୍ୟରେ ବିଶ୍ୱଶାନ୍ତି ବ୍ରହ୍ମଏକକ୍ଷର ମହାଯଜ୍ଞ ଅନୁଷ୍ଠିତ ହୋଇ ଗୁରୁଙ୍କ ନବନିର୍ମିତ ମନ୍ଦିରରେ ଶ୍ରୀମୁଖରେ ରତ୍ନମୁଦ ଅର୍ପିତ କରାଯାଇଥିଲା।ଏହି ପବିତ୍ର ଅନୁଷ୍ଠାନରେ ସୋଲର, ଛତିଆ, ବୈରୀ, ନେଳିଆ, ଚମ୍ପାପୁର, ବନ୍ଦଳ ପଞ୍ଚାୟତ ଅଞ୍ଚଳରୁ ବହୁ ଭକ୍ତ ଏକତ୍ରିତ ହୋଇ ଯୋଗଦେଇଥିଲେ। ଉଦାସ ପାନ୍ଥିଭକ୍ତ ମାନେ ଦୂରଦୂରନ୍ତରୁ ଆସିଥିବା ଭକ୍ତଙ୍କୁ ସାହାଯ୍ୟ ସହଯୋଗ ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମରେ ସହକାରୀ ମହନ୍ତ ପଦ୍ମଲୋଚନ ଦାସ ସହିତ ଖଗେଶ୍ୱର ରଥ, ନୀଳମଣି ପଣ୍ଡା, ସୁଧାଂଶୁ ଶେଖର ନାୟକ, ହରିହର ସାମଲ, ପଦନ ସାହୁ, ଗୋପାଳ କୃଷ୍ଣ ପ୍ରଧାନ, ମାଧବାନନ୍ଦ ମହାପାତ୍ର, ରମେଶ ଚନ୍ଦ୍ର ବିଶ୍ୱାଳ, ଅକ୍ଷୟ ବିଶ୍ୱାଳ ଓ ଅନ୍ୟାନ୍ୟ ଭକ୍ତମାନେ ଯୋଗଦେଇ ସେବା ସହ ଆତ୍ମନିୟୋଗ କରିଥିଲେ।

## କାହିଁକି କରାଯାଉନି ସାତପାଟଣା ରାସ୍ତାର ମରାମତି ?

ଦଶପଲ୍ଲା, (ମହାଭାରତ ): ଦଶପଲ୍ଲାର ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ଦୁର୍ଗାବଜାର ଓ ସାତପାଟଣା କୁ ବୁଝାଏ। ତେବେ ଦୁର୍ଗାବଜାର ମୁଖ୍ୟ ତୋରଣ ଠାରୁ ତେନ୍ତୁଳି ପାଟଣା ପ୍ରାୟ ୨ କିମି ରାସ୍ତା ମରଣ ଯନ୍ତାରେ ପାଲଟିଯାଇଛି। ବହୁ ଦିନର ଦାବି ସତ୍ତ୍ୱେ ଏନ ଏ ସି କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଥିଲା। ରାସ୍ତା ଟିକୁ ଯିଏ ଦେଖିବ ସେ ହିଁ କହିବ ଯେ ରାସ୍ତାର ମରାମତି ବା ଉନ୍ନତି କରଣ ଅନେକ ବର୍ଷ ହେଲା ବୋଧେ ହୋଇନାହିଁ। ତେବେ ଅନେକ ଚେଷ୍ଟା ସତ୍ତ୍ୱେ ଫଳ ଶୂନ। ତେବେ ଏ ରାସ୍ତା ର ଉନ୍ନତି କରଣ କାର୍ଯ୍ୟ କୁ ପି ଡବ୍ଲୁ ଡି ବିଭାଗ କୁ ହସ୍ତାନ୍ତର କରାଯାଉ ବୋଲି ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ ବିଗତ ଦିନରେ ଲିଖିତ ଜଣାଇଥିଲେ ଓ ସମସ୍ୟା ର ସମାଧାନ ନ କଲେ ଆଗାମୀ ଦିନରେ ଏନ ଏ ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ରେ ବସିବେ ବୋଲି କହିଥିଲେ । ୫/୬ ମାସ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହେବା ଦୂରର କଥା ଏ ସମସ୍ୟା ପ୍ରତି ଆଉ କାହାର ନିଘା ନାହିଁ। ଶୁଣାଯାଏ ରାଜନୈତିକ ଛକପଞ୍ଝା ଯୋଗୁଁ କାର୍ଯ୍ୟ ବନ୍ଦ ହେଉଛି। ବିଧାୟକ ଙ୍କ ଯୋଗୁଁ ହୋଇପାରୁନାହିଁ ବୋଲି ମଧ୍ୟ ସାଧାରଣରେ ଆଲୋଚନା ହେଉଅଛି। ତାହା କେତେଦୂର ସତ ତାହା ସମୟ ଆସିଲେ ଜଣାପଡିବ। ତେବେ ସାତପଟଣା ବାସୀ କଣ ଭୋଟ ଦେଇ ନ ଥିଲେ ନା ଏମିତି ରାଜନୈତିକ ଆକ୍ରୋଶ ର ଶିକାର ହୋଇ ଦିନ ଗଣୁଥିବେ। ତେବେ ଦଶପଲ୍ଲା ର ସାତପଟଣା ବାସୀ ଙ୍କ ପ୍ରତି କାହାର ଆନ୍ତରିକତା ରହୁନାହିଁ। ଏ ସମସ୍ୟା କୁ ଲୋକପ୍ରିୟ ମୋହନ ସରକାର ଏହାକୁ ଗମ୍ଭୀରତାର ସହ ନେବାକୁ ଲୋକ ଙ୍କ ମଧ୍ୟରେ ଆଲୋଚନା ହେଉଛି।

## କାଗଜ କଲମରେ ସୀମିତ ଶିଶୁ ଶ୍ରମିକ ନିରୋଧ: ବଢୁଛି ଶିଶୁ ଶ୍ରମିକ ସଂଖ୍ୟା



ଆସିକା, (ମହାଭାରତ ): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ସମେତ ନିକଟବର୍ତ୍ତୀ ଅଞ୍ଚଳରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ଦିନକୁଦିନ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ ଦିଗରେ ଶ୍ରମ ବିଭାଗ ବିଫଳ ହୋଇଛି । ପ୍ରତିବର୍ଷ ଜୁନ ୧୨ ତାରିଖକୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଭାବେ ପାଳନ ଅବସରରେ କେବଳ ବିଭାଗ ପକ୍ଷରୁ ସଭା ସମିତି ମାଧ୍ୟମରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ରଖାଯାଇଛି । ନିଜ ପାରିବାରିକ ଆର୍ଥିକ ଦୁରବସ୍ଥା ହେଉ କିମ୍ବା ଅନ୍ୟାନ୍ୟ କେତେକ କାରଣରୁ ପରିବାର ପ୍ରତିପୋଷଣ ପାଇଁ ବହୁ ଶିଶୁ ଶ୍ରମିକ ବିଭିନ୍ନ ଅନୁଷ୍ଠାନରେ ଖଟୁଥିବା ଦେଖ ?ବାକୁ ମିଳୁଛି । ଶିଶୁ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସରକାରୀ ନୀତି, ନିୟମ ଓ କଟକଣା ପ୍ରଶାସନିକ ଅଧିକାରୀମାନଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଯେଭଳି ବାଟବଣା ହେଉଥିବାର ସାଧାରଣରେ ମତପ୍ରକାଶ ପାଇଛି ଓ ଶିଶୁ ଶ୍ରମିକମାନଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ପ୍ରଶାସନ ସେଭଳି କୌଣସି ସୁଚିନ୍ତିତ ପଦକ୍ଷେପ ନେଉନାହିଁ। ତେଣୁ ଆସିକା ଅଞ୍ଚଳରେ ଶିଶୁ ଶ୍ରମିକ ଥମିବାର ନାଁ ନେଉନି ।ଆସିକା ସମେତ ନିକଟବର୍ତ୍ତୀ ଅଞ୍ଚଳରେ ଅଧିକାଂଶ ହୋଟେଲ, ଗ୍ୟାରେଜ୍, ତେଜରାତି ଦୋକାନ, ରେଷ୍ଟୁରାଣ୍ଟ, ପାନ ଦୋକାନ, ଫାଷ୍ଟଫୁଡ଼ ଦୋକାନ, ଛୋଟବଡ଼ ଶିକ୍ଷାନୁଷ୍ଠାନ ସମେତ ବହୁ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକରେ ଶିଶୁ ମାନେ କାର୍ଯ୍ୟ କରୁଥିବାର ଦେଖୁବାକୁ ମିଳୁଛି। ଶିଶୁ ଶ୍ରମିକ ପ୍ରଥାକୁ ବିଲୋପ ସହ ସେମାନଙ୍କୁ ଉଦ୍ଧାର କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀମାନଙ୍କ ନିରବତା ସାଙ୍ଗକୁ ରୀତିମତ ଚଢାଉ ଅଭାବରୁ ଆସିକା ଏନ ଏସି ସମେତ ନିକଟବର୍ତ୍ତୀ ଅଞ୍ଚଳରେ ଶିଶୁ ଶ୍ରମିକ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି ।ପାରିବାରିକ ଆର୍ଥିକ ସମସ୍ୟା ଯୋଗୁଁ ସେମାନେ ବାଧ ହୋଇ ହସଖେଳ ଓ ପାଠପଢାଠାରୁ ଦୂରେଇ ରହି ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ କାମଧନ୍ଦା କରୁଛନ୍ତି । ସେମାନେ ସେମାନଙ୍କର ଅଧିକାରରୁ ବଞ୍ଚିତ ହେଉଥିବା ଦେଖୁବାକୁ ମିଳିଛି । ଶିଶୁ ଅଧିକାର ଆଇନରେ କମ୍ ବର୍ଷର ଶିଶୁଙ୍କୁ କୌଣସି ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରାଯିବା ଏକଦଣ୍ଡନୀୟ ଅପରାଧ ବୋଲି ଉଲ୍ଲେଖ ରହିଛି। ଶିଶୁମାନଙ୍କୁ ଏପରି ବିପଦପୂର୍ଣ୍ଣକାମରୁ ଉଦ୍ଧାରକରିବା ଦାୟିତ୍ୱ ହେଉଛି ଶ୍ରମ ବିଭାଗର । ଅତୀତରେ ଆସିକା ପୋଲିସ ପ୍ରଶାସନ ପକ୍ଷରୁ ଅଧିକାଂଶ ହୋଟେଲ, ଗ୍ୟାରେଜ୍, ତେଜରାତି ଦୋକାନ, ରେଷ୍ଟୁରାଣ୍ଟ, ପାନ ଦୋକାନ, ଫାଷ୍ଟଫୁଡ଼ ଦୋକାନ, ଛୋଟବଡ଼ ଶିକ୍ଷାନୁଷ୍ଠାନ ସମେତ ବହୁ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକରେ ଚଢାଉ କରି ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଉଥିବା ନଜିର ରହିଛି । ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏହି ସମସ୍ୟା ପ୍ରତି ଧ୍ୟାନ ଦେଲେ ଆସିକା ଅଞ୍ଚଳରେ ଶିଶୁ ଶ୍ରମିକ ଭଳି କୁପ୍ରଥା ସମ୍ପୂର୍ଣ୍ଣ ବନ୍ଦ ହୋଇପାରିବ ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ଶ୍ରୀ ସିଦ୍ଧିବିନାୟକ ମନ୍ଦିରର ରତ୍ନମୁଦ ସମ୍ପନ୍ନ

ସମ୍ବଲପୁର: ସମ୍ବଲପୁର ପ୍ରେସ୍ କ୍ଲବ୍‌ରେ ନବ ନିର୍ମିତ ଶ୍ରୀ ସିଦ୍ଧିବିନାୟକ ମନ୍ଦିରର ରତ୍ନମୁଦ ଉତ୍ସବ ଭକ୍ତିଭାବର ସହ ଅନୁଷ୍ଠିତ ହୋଇଛି । ରବିବାର ପୂର୍ବାହ୍ନରୁ ଏଥି ପାଇଁ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା ।ପୂଜା, ହୋମ, ଯଜ୍ଞ ସଂପନ୍ନ ହେବା ପରେ ଅପରାହ୍ଣ ୩ଟାରେ ରତ୍ନମୁଦ କରା ଯାଇଥିଲା । ଶ୍ରଦ୍ଧାଳୁମାନେ ଚାଇଥିବା ସ୍ୱର୍ଣ୍ଣ, ରୌପ୍ୟ, ଅଷ୍ଟଧାତୁ, ଧାତବ ମୁଦ୍ରା, ଧାନ, ମୁଗ ବିହନ ଆଦି ପଞ୍ଚଶସ୍ୟରେ ମନ୍ଦିର ଚୂଡ଼ାକୁ ମୁଦ ମରା ଯାଇଥିଲା। ନାମ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳିରେ ପୂଜାସ୍ଥଳ କମ୍ପିଥିଲା। ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ରଶର୍ମା, ପଣ୍ଡିତ ଶତାର୍ଷି ମିଶ୍ର, ପଣ୍ଡିତ ସିଦ୍ଧାର୍ଥ ଦାସ, ସ୍ୱାମୀ ସତ୍ୟଧର୍ମାନନ୍ଦ ସରସ୍ୱତୀ ପୂଜାକାର୍ଯ୍ୟ ତୁଲାଇଥିଲେ ।ପ୍ରେସ୍ କ୍ଲବ୍ ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ସଭାପତି ହେମନ୍ତ ମହାପାତ୍ର ଏବଂ ଅର୍ଜୁନ ରଂଜନ ପଣ୍ଡାଙ୍କ ସମେତ କ୍ଲବ ସଦସ୍ୟସଦସ୍ୟା, ସେମାନଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ । ଜ୍ଞାନରଂଜନ ମିଶ୍ର ଏବଂ ଭାବନା ତ୍ରିପାଠୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ସୀତାରାମ ଅଗ୍ରୱାଲ, ଆଡ୍ଭୋକେଟ୍ ଦୀନଦୟାଲ ଅଗ୍ରୱାଲ, ଇଂ ସୁଶାନ୍ତ କୁମାର ଗୁରୁ, ପ୍ର. ସେବକ ତ୍ରିପାଠୀ, ଡ. ଶ୍ୟାମସୁନ୍ଦର ଧର, ରାଧାମାଧବ ବହିଦାର, ରାମଶଂକର ସାହୁ, ସୁବ୍ରତ ସାହୁଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସ୍ଥାନୀୟ ଅଇଁଠାପାଲି ଅଞ୍ଚଳର ବହୁ ଶ୍ରଦ୍ଧାଳୁ ସପରିବାର ଉପସ୍ଥିତ ଥିଲେ । ଶ୍ରୀ ସିଦ୍ଧିବିନାୟକଙ୍କ ସପ୍ତାହବ୍ୟାପି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆଜି ରତ୍ନମୁଦ ସହ ଆରମ୍ଭ ହୋଇଛି । ଆସନ୍ତାକାଲି ସୋମବାର ସଂଧ୍ୟାରେ ଅଙ୍କୁରାରୋପଣ କରାଯିବ । ମଙ୍ଗଳବାର ଅଧିବାସ ପରେ ୨ ତାରିଖ ବୁଧବାର କଳସ ଶୋଭାଯାତ୍ରା ସହ ମୁଖ୍ୟ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇ ୪ ତାରିଖ ଯାଏ ଚାଲିବ ।

## ଜାତୀୟ ପରିସଂଖ୍ୟାନ ଦିବସ ପାଳନ



ଦେବଗଡ଼,(ମହାଭାରତ): ଆଜି ସ୍ଥାନୀୟ ବାଲିରୋଇ କୃଷି ବିଭାଗ ସମ୍ମିଳନୀ କକ୍ଷରେ ଉପନିର୍ଦ୍ଦେଶକ ଜିଲ୍ଲା ଯୋଜନା ବିଭାଗ ରାମସେବକ ପ୍ରଧାନଙ୍କ ଆହ୍ୱାନ କ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ମୁଖ୍ୟ ଅତିଥି, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ,ଜିଲ୍ଲା ଶିକ୍ଷା ଅଧିକାରୀ ଗେଂଦ୍ରା କୁଜୁର ବରଣ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରୀୟ ବିକାଶ ପାଇଁ ଜାତୀୟ ନମୁନା ସର୍ବେକ୍ଷଣ ବିଷୟଉପରେ ଆଲୋଚନା କରାଯାଇ ଥିଲା ଏଇ ପରିପେକ୍ଷୀରେ ୧୯ ତମ ଜାତୀୟ ପରିସଂଖ୍ୟାନ ଦିବସ ଅବସରରେ ଓଡ଼ିଶା ସରକାରଙ୍କ ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଭାରତରେ ଆଧୁନିକ ପରିସଂଖ୍ୟାନର ଜନକ ପ୍ରଫେସର ପି.ସି. ମହାଲନୋବିସଙ୍କୁ ସମ୍ମାନଜନକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ପ୍ରତିବୋଧତା ଙ୍କୁ ଓଡିଶା ରେ ବିକାଶ ପାଇଁ ବିକଶିତ ଓଡିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ରେ ଜାତୀୟ ଦୃଷ୍ଟିକୋଣ ସହିତ ନିଜକୁ ସମ୍ମନିତ କରିବା ପାଇଁ ମତବ୍ୟକ୍ତ କରିଥିଲେ । ବୈଠକ ରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ୯ ଦିନ ପରେ ନିଖୋଜ ଯୁବକର ଗଳିତ ଶବ ଉଦ୍ଧାର

କଣ୍ଟାବାଞ୍ଜି: ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହର ଉପକଣ୍ଠସ୍ଥ ବନ୍ଦ ହୋଇ ପଡ଼ିଥିବା ନିଳାଂଚଳ ସିମେଂଟ ଫ୍ୟାକ୍ଟ୍ରି ପଛପଟେ ଥିବା ଏକ ପରିତ୍ୟକ୍ତ କୂଅରୁ ଏକ ଗଳିତ ଶବ ରବିବାର ପୋଲିସ ଉଦ୍ଧାର କରିଛି । ମିଳିତ ସୂଚନା ଅନୁସାରେ କଣ୍ଟାବାଞ୍ଜି ଥାନା ଡୁମେରଚୁଆଁ ଗ୍ରାମର କୁଞ୍ଜ ମାଝି (୧୯) ଯୁବକଟି ଗତ ୨୦ ତାରୀଖ ରାତିରୁ ଖାଉଥିବା ବେଳେ ଏକ ଫୋନ କଲ୍ ପାଇ ଘରୁ ଚାଲିଯାଇଥିଲା । ଘରୁ ଗଲା ପରେ ଫେରି ନ ଥିଲା । ଖୋଜା ଖୋଜି ପରେ ନ ପାଇବାରୁ ତାର ମାଁ ଚୁକ୍ତି ମାଝି ପୁଅର ନିଖୋଜ ନେଇ ୨୧ତାରୀଖ ଦିନ ଥାନାରେ ଏକ ଲିଖତ ଅଭିଯୋଗ କରିଥିଲା । ନିଖୋଜକୁ ନେଇ ଚୁକ୍ତି ମାଝିଙ୍କ ଅଭିଯୋଗ ଉପରେ ପୋଲିସ କେସ ନଂ. ୩୫/୨୦୫ ନିଖୋଜ ମାମଲା ରୁଜୁ କରିଥିଲା ।ମାଆର ଲିଖିତ ଅଭିଯୋଗ ଉପରେ ପୋଲିସ ଖୋଜାଖୋଜି କରିବାରେ ରବିବାର ଦିନ ସିମେଂଟ ଫ୍ୟାକ୍ଟ୍ରି ପଛପଟେ ଥିବା ଏକ ପରିତ୍ୟକ୍ତ କୂଅରୁ ଏକ ଗଳିତ ଶବ ଭାସୁଥିବା ଖବର କୁଞ୍ଜ ଅଜା ପାଇ ପୋଲିସକୁ ଜଣାଇଥିଲେ । ଏହା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ଅନୁସଂଧାନ କରିଥିଲା । ବଲାଙ୍ଗିର ସାଇଣ୍ଟିଫିକ୍ ଟିମ, ଅଗ୍ନିଶମ ବିଭାଗ କଣ୍ଟାବାଞ୍ଜି ଏବଂ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ବିଶ୍ୱନାଥ ଖାଲକୋଙ୍କ ଉପସ୍ଥିତିରେ ଗଳିତ ଶବକୁ କୂଅରୁ ଉଦ୍ଧାର କରିଥିଲେ । ପରିବାର ଲୋକେ ଶବକୁ ଚିହ୍ନଟ ପରେ ହତ୍ୟା ଅଭିଯୋଗ ଆଣିଛନ୍ତି । ଗଳିତ ଶବକୁ ସରକାରୀ ଡାକ୍ତରଖାନାରେ ସୁରକ୍ଷିତ ରଖାଯାଇଛି ଯାହା ସୋମବାର ଦିନ ସକାଳେ ଶବ ବ୍ୟବଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ଏହି ଘଟଣା ଉପରେ ପୋଲିସ ଥାନା ରେ ଏକ ମାମଲା (କେସ ନଂ. ୨୩୧/୨୦୨୫) ଦଫା ୧୦୩(୧) ରୁଜୁ କରି ଅଧିକ ତଦନ୍ତ ଚଲାଇଥିବା ବେଳେ ଡୁମେରଚୁଆଁ ଗ୍ରାମର ୩ ଜଣଙ୍କୁ ଅଟକ ରଖି ଅଧିକ ଅନୁସଂଧାନ ଜାରି ରହିଥିବା ଅନୁସଂଧାନ ଅଧିକାରୀ ଆଇଆଇସି ରଶ୍ମିତା ବେହେରାଙ୍କ ଠାରୁ ପ୍ରକାଶ ।ପ୍ରକାଶ ଥାଉକି ମୃତକ କୁଞ୍ଜ ତୁରେକେଲା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଯୁକ୍ତ ୩ର ଦ୍ୱିତୀୟ ବର୍ଷର ଛାତ୍ର ହୋଇଥିବା ବେଳେ ତାର ବାପା ହେମନ୍ତ ମାଝି ଏକ ବର୍ଷ ପୁର୍ବରୁ ମୃତ୍ୟୁ ହୋଇଛି । ବିଧବା ମାଆର କୁଞ୍ଜ ଏକମାତ୍ର ପୁତ୍ର ସାହାରା ଥିଲା । ପୁଅର ମୃତ୍ୟୁରେ ବିଧବା ବେସାହାରା ହୋଇଥିବା ବେଳେ ଏହି ଘଟଣା ଉପରେ ଗ୍ରାମବାସୀ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା ସହ ବିଧବା ମାଆକୁ ସରକାରୀ ସାହାଯ୍ୟ ପାଇଁ ଦାବୀ ଜଣାଇଛନ୍ତି ।

## ସିମନବାଡ଼ି ବଣିକ ସଂଘର ନୂତନ କର୍ମକର୍ତ୍ତା ଚୟନ

ଫୁଲବାଣୀ: କନ୍ଧମାଳ ଜିଲ୍ଲା ସିମନବାଡ଼ି ଗ୍ରାମ ବଣିକ ସଂଘର ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ବଣିକ ସଙ୍ଘ ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସଭାପତି ଏସ. ଅମୁଲ୍ୟ କୁମାର ସୁବୁଦ୍ଧିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କମିଟିର ନୂତନ ସଭାପତି ଭାବେ ସର୍ବସମ୍ମତି କ୍ରମେ ସଭାପତି ଭାବେ ମହେଶ କୁମାର ସାହୁ ଉପ ସଭାପତି - ଏସ. ଅମୁଲ୍ୟ କୁମାର ସୁବୁଦ୍ଧି ସମ୍ପାଦକ ଭାବେ - ଏସ ସୁନିଲ କୁମାର ସୁବୁଦ୍ଧି, ସହ ସଂପାଦକ - ଆଶୁତୋଷ ସାହୁ, କୋଷାଧ୍ୟକ୍ଷ - ରାଜେଶ କୁମାର ସାହୁଙ୍କୁ ଚୟନ କରାଯାଇଥିଲା । ସେହିଭଳି ଉପଦେଷ୍ଟା କମିଟିରେ ଅଜିତ କୁମାର ସାହୁ, ଆରୁପାନନ୍ଦ ସାହୁ, ଅଶୋକ ବେହେରା, ରାମାନନ୍ଦ ଚୌଧୁରି, ସଞ୍ଜୟ ସାହୁ, ଘଣ୍ଟା ନାୟକ, ସିମାଞ୍ଚାଳ ସାହୁ, ବିଭୂତି ସାହୁ, ଏ ବାଲାଜୀ ପାତ୍ର, ପ୍ରଦୀପ ସାହୁ ଓ ବାସୁଦେବ ସାହୁଙ୍କୁ ଚୟନ କରାଯାଇଥିଲା ।

## ମତ୍ସ୍ୟ ଓ କଚ୍ଛପ ଅବତାରରେ ଠାକୁର



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗୁଣ୍ଡିଚାବାଡ଼ି ଠାରେ ଆଜି ଠାକୁରଙ୍କର ମତ୍ସ୍ୟ ଓ କଚ୍ଛପ ଅବତାର ଦେଖିବା ସକାଶେ ଭକ୍ତଙ୍କ ସୁଅ ଛୁଟିଛି ପାଗ ଅନୁକୂଳ ଥିବାରୁ ପୁରପଲ୍ଲୀରୁ ବହୁତ ଭକ୍ତଙ୍କ ସମାଗମ ହୋଇଛି ।ଏହି ଦଶ ଦିନ ଠାକୁରଙ୍କୁ ଦର୍ଶନ କଲେ ପୁଣ୍ୟ ମିଳେ ବୋଲି ଭକ୍ତଙ୍କ ଆଶା ଓ ବିଶ୍ୱାସ ରହିଛି ।ତେଣୁ ଠାକୁରଙ୍କ ଦଶ ଅବତାର ଦର୍ଶନ କରିବା ସକାଶେ ଭକ୍ତଙ୍କ ସମାଗମ ହୋଇଥାଏ । ଭକ୍ତମାନେ ନଡିଆ କଦଳୀ ଫୁଲ ତୁଳସୀ ଧରି ଠାକୁରଙ୍କ ପୂଜାର୍ଚ୍ଚନା କରି ଦର୍ଶନ କରିଥାନ୍ତି ।ସନ୍ଧ୍ୟା ସମୟରେ ସନ୍ଧ୍ୟା ଆଳତୀ ଦେଖିବା ପାଇଁ ଭକ୍ତଙ୍କ ସୁଅ ଛୁଟିଛି । ରଥଯାତ୍ରା କମିଟି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁପରିଚାଳନା ସକାଶେ ପଦକ୍ଷେପ ନିଆଯାଇଛି ।ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ପୋଲିସ ମୃତୟନ କରାଯାଇଛି ଗୁଣ୍ଡିଚା ବାଡି ପରିସରରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି ।

## ପ୍ରାକ ମୌସୁମୀ ବର୍ଷା ପରେ ଚାଷ କାମ ଆରମ୍ଭ

ପଦ୍ମପୁର:ରାୟଗଡା ଜିଲ୍ଲା ପଦ୍ମପୁର ବ୍ଲକ ଏକ କୃଷି ପ୍ରଧାନ ବ୍ଲକ ଭାବେ ପରିଚିତ । ବ୍ଲକର ୯୦ ପ୍ରତିଶତ ଲୋକ କୃଷି ଓ ଉପରେ ନିର୍ଭରଶୀଳ । ତେବେ ପ୍ରଶାସନ ଏବଂ ଲୋକ ପ୍ରତିନିଧି ମାନଙ୍କ ଆନ୍ତରିକତା ଅଭାବ ଯୋଗୁଁ ପଦ୍ମପୁର ବ୍ଲକରେ ଥିବା କେନ୍ଦୁଗୁଡା ମଧ୍ୟମ ଜଳସେଚନ ପ୍ରକଳ୍ପର ରକ୍ଷଣାବେକ୍ଷଣ ଅଭାବରୁ ଏହି ବର୍ଷ ପର୍ଯ୍ୟାପ୍ତ ପରିମାଣର ଜଳ ବର୍ତ୍ତମାନ ଗଛିତ ନାହିଁ । ତେଣୁ ଚାଷୀଙ୍କ ଜମିରେ ଠିକ ଭାବରେ ଜଳସେଚନ ସୁବିଧା ହୋଇ ପାରିବ କି ନାହିଁ ଚିନ୍ତାରେ ଅଛନ୍ତି ଚାଷୀ । ତେଣୁ ଏହି ବର୍ଷ ସ୍ଥାନୀୟ ଚାଷୀ ବର୍ଷା ଉପରେ ସମ୍ପୂର୍ଣ୍ଣ ଭରସା କରି ରହିଛନ୍ତି । ସଠିକ ସମୟରେ ବର୍ଷା ନହେଲେ ବର୍ଷକର ଚାଷ ବୁଡିବା ସମ୍ଭାବନା ରହିଛି । ତେଣୁ ଏହି ବର୍ଷ ବର୍ଷା ପାଣି ଉପରେ ଚାଷୀ ମାନେ ନିର୍ଭର କରୁଛନ୍ତି ।କିଛି ଦିନ ତଳେ ପଦ୍ମପୁର ବ୍ଲକରେ ପ୍ରାକ ମୌସୁମୀ ବର୍ଷା ହେବା ପରେ ସ୍ଥାନୀୟ ଚାଷୀ ମାନେ ଚାଷ କାମ ଆରମ୍ଭ କରିଥିବା ଦେଖିବାକୁ ମିଳିଛି । କିଛି ଚାଷୀ ଧାନ ଜମିରେ ଲଙ୍ଗଳ ଲଗାଇ ଚାଷ କରିବା ଆରମ୍ଭ କରିଛନ୍ତି । ଆଉ କିଛି ଚାଷୀ ଧାନ ଜମିରେ ଗୋବର ଖତ ସଂଗ୍ରହ କରୁଥିବା ବେଳେ ଆଉ କିଛି ଚାଷୀ ବିହନ କିଣିବା ପାଇଁ ବ୍ୟସ୍ତ ରହିଛନ୍ତି । ପଦ୍ମପୁର ବ୍ଲକ କୃଷି ବିଭାଗ ପକ୍ଷରୁ ଚଳିତ ବର୍ଷ ସରକାରୀ ଅଧିକ ଅମଳକ୍ଷମ ଧାନ ବିହନକୁ ବହୁଳ ବ୍ୟବହାର ପାଇଁ ଅଧିକ ଗୁରୁତ୍ୱ ଦିଆଯାଇଛି । ଚାଷୀଙ୍କ ସୁବିଧା ପାଇଁ ଲ୍ୟାମ୍ପସ ଏବଂ ସ୍ୱୀକୃତିପ୍ରାପ୍ତ ବେସରକାରୀ ଦୋକାନ ଗୁଡିକରେ ମଧ୍ୟ ସରକାରୀ ଧାନ ବିହନ ବିକ୍ରି କରାଯାଉଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି ।

## ନବମ ଯାଦବ ମହାସଭା ବୈଠକ ଓ ପୁନଃ ଗଠନ କାର୍ଯ୍ୟକ୍ରମ

ଲାଞ୍ଜିଗଡ: କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ଼ରୋଡ଼ ଓ ଜଗନ୍ନାଥପୁର ପଞ୍ଚାୟତ ବଳଭଦ୍ରପୁର ପଞ୍ଚାୟତସ୍ତରୀୟ ନବମ ଯାଦବ ମହାସଭା ବୈଠକ ଓ ଆଞ୍ଚଳିକ ଯାଦବ ସମାଜର ପୁନଃ ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲାଞ୍ଜିଗଡ଼ ରୋଡ଼ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ବୈଠକରେ ଲାଞ୍ଜିଗଡ ବ୍ଲକ ଯାଦବ ମହାସଭାର ସଭାପତି ରଘୁବୀର ନାଗଙ୍କ ନିର୍ଦ୍ଦେଶ କ୍ରମେ ଉପସଭାପତି ଶୋଭାବନ ଛତର, ଯୁବ ଯାଦବ ସାଧାରଣ ସମ୍ପାଦକ ନୃପରାଜ ଛତର ପ୍ରମୁଖ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଯୋଗ ଦେଇଥିଲେ । ଲାଞ୍ଜିଗଡ଼ ରୋଡ଼ ଯାଦବ ସମାଜର ଆଞ୍ଚଳିକ ସଭାପତି ପୂର୍ଣ୍ଣଚନ୍ଦ୍ର ଗଉଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ବୁଦ୍ଧିଆ ବଗର୍ତ୍ତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଏହି ଅବସରରେ ଲାଞ୍ଜିଗଡ଼ରୋଡ଼ ଯାଦବ ମହାସଭା ପଞ୍ଚାୟତସ୍ତରୀୟ ଆଞ୍ଚଳିକ କମିଟି ପୁନଃ ଗଠିତ ହୋଇଥିଲା । ଏଥିରେ ପଞ୍ଚାୟତ ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ଗଉଡ଼, ଉପସଭାପତି ଭାବେ ମହାଦେବ ଗଉଡ଼, ସାଧାରଣ ସଂପାଦକ ଭାବେ ଈଶ୍ୱର ବଗର୍ତ୍ତୀ, ସହ ସମ୍ପାଦକ ଯୋଗେନ୍ଦ୍ର ନାୟକ, କୋଷାଧ୍ୟକ୍ଷ ଭାବେ ସାଧୁ ଗଉଡ଼ଙ୍କୁ ମନୋନୀତ କରାଯାଇଥିଲା । ସେହିପରି ପଞ୍ଚାୟତର ଦୁଇଟି ଗ୍ରାମ୍ୟ କମିଟି ଓ ଆଠ ଗୋଟି ଭାତ କମିଟି ଗଠନ କରାଯାଇଥିଲା । ଏଥିରେ ଉପଦେଷ୍ଟା ଭାବେ ନାଭା ଗହିର, ନାଭି ଗହିର ସତ୍ୟ ନାରାୟଣ ନାଗ, ସିମା□ଳ ସଗରିଆ, ଶ୍ରୀଧର ନାଗ, ସୁଶାନ୍ତ ଚନ୍ଦନ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ଆଞ୍ଚଳିକ ଯାଦବ ସମାଜର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।ସେହିପରି ଜଗନ୍ନାଥପୁର ପଞ୍ଚାୟତ ବଳଭଦ୍ରପୁର ଠାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

## କାଦୁଅ ପଚରେ ବଇଣ୍ଡା ଛକ ବେହାଲ



ଅନୁଗୋଳ(ମହାଭାରତ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ କିଶୋର ନଗର ବ୍ଲକ ଅନ୍ତର୍ଗତ ବଇଣ୍ଡା ଛକ ଠାରେ ଜାତୀୟ ରାଜପଥ ର ଦୁଇ ପାର୍ଶ୍ୱରେ ପ୍ରାୟ ୧ କିଲୋମିଟର ବ୍ୟାପି ରାସ୍ତାର ଅବସ୍ଥା ଅତି ଶୋଚନୀୟ ଅବସ୍ଥାରେ ଦେଖିବାକୁ ମିଳିଛି ଯାହା ବର୍ଷାରେ କାଦୁଅ ପଚ ପଚ୍ ହୋଇ ଯାଇଛ । ଯା ଫଳରେ ଉକ୍ତ ରାସ୍ତାରେ ଦୁଇ ଚକିଆ ଗାଡ଼ି ଠାରୁ ଭାରି ଯାନ ପର୍ଯ୍ୟନ୍ତ ଯିବା ଆସିବା ବହୁ ଅସୁବିଧା ଦେଖାବ ଦେଉଥିବାଫଳରେ ସାଧାରଣ ଲୋକଙ୍କ ଅବସ୍ଥା କହିଲେ ନସରେ । ସୂଚନା ନେବାରେ ଜଣାଯାଏ କି ଦୀର୍ଘ ବର୍ଷ ହେବ ୫୫ ଜାତୀୟ ରାଜପଥ ରେ କାର୍ଯ୍ୟ କରୁଥିବା ଏ ଆଇ ପି ଏଲ ଠିକା ସଂସ୍ଥା ଆପ୍ରଚ ରୋଡ କରିବା ପାଇଁ ଏକ ମାସ ପୂର୍ବରୁ ଖୋଳି ଦେଇ ମଉନ ଅବସ୍ଥାରେ ରେ ରହି ରାସ୍ତା ଓ ଡ୍ରେନ କୁ କାର୍ଯ୍ୟ ନ କରିବା ଫଳରେ ଲଘୁଚାପ ଜନିତ ବର୍ଷାରେ ବଇଣ୍ଡା ର ସମସ୍ତ ରାସ୍ତା କାଦୁଅ ରେ ପରିପୂର୍ଣ୍ଣ ହୋଇ ଥିବାରୁ ସଧାରଣ ଲୋକେ ଦୈନ ଦିନ କାର୍ଯ୍ୟରେ ଯିବା ଆସିବା ରେ ସମସ୍ୟା ସୃଷ୍ଟି ହେଉଛି । ଆଜି ସାପ୍ତାହିକ ହାଟ ଥିବାରୁ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା। ଉଠା ଦୋକାନୀ ପରିବା ବିକାଳୀ ଙ୍କ କବଳ ରେ ଫ୍ଲାଏ ଓଭର ବ୍ରିଜ ର ଗୋଟିଏ ପାର୍ଶ୍ୱରେ ବସୁ ଥିବାରୁ ସ୍ଥାନଟି ସଙ୍କୁଚିତ ହେବା ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ବିଦ୍ୟାଳୟ କୁ ଛାତ୍ର ଛାତ୍ରୀ ଗଲା ବେଳକୁ ବିଭିନ୍ନ ପ୍ରକାର ସମସ୍ୟା ସହିତ ବିନା ପୋଲିସରେ ରାସ୍ତା ପାର ହେଉଛନ୍ତି । ସାପ୍ତାହିକ ହାଟ ଅବସ୍ଥା ଅବର୍ଣ୍ଣନୀୟ ଅବସ୍ଥାରେ ପଡ଼ିରହିଛି । ବର୍ଷା ହେଲେ କାହାରି ଦୃଷ୍ଟି ପଡେନାହିଁ । ନା ପ୍ରଶାସନ ନା ପଞ୍ଚାୟତର । ହେଲେ ବିକ୍ରେତା ଙ୍କ ଠାରୁ ଟିକେଟ ଦେଇ ଟଙ୍କା ଆଦାୟ କରା ଯାଉଛି । ଲୋକେ କାଦୁଅରେ ପଶି ମାର୍କେଟ କରୁଥିବା ବେଳେ କୌଣସି ଦିନ ଡଷ୍ଟଟ୍ରିପ ଏ ବିଛାଯାଉନ ଥିବା ସ୍ଥାନୀୟ ଅଞ୍ଚଳ ବାସୀ ଜଣାଇଛନ୍ତି । ଯଥା ଶୀଘ୍ର ପ୍ରଶାସନ ବିଭାଗ ଦୃଷ୍ଟି ଦେଇ ଏ ଆଇ ପି ଏଲ ଠିକା ସଂସ୍ଥା ଅଧୀନରେ ଥିବା ଆପ୍ରୋଚ ରୋଡ ଯୁଦ୍ଧ କାଳୀନ ଭିତିରେ କାର୍ଯ୍ୟ କରିବାକୁ ତାଗିଦ୍ କଲେ ବଇଣ୍ଡା ଛକ ତଥା ଜନ ସାଧାରଣ ଆଶ୍ୱସ୍ତି ପାଇବେ ବୋଲି ଆଶା ପ୍ରକଟ କରାଯାଉଛି । ଯଦି ଏଥିରେ ପ୍ରଶାସନିକ ବିଭାଗ ଅବହେଳା ପ୍ରଦର୍ଶନ କରନ୍ତୁ ତାହେଲେ ଆଗାମୀ ଦିନରେ ଲୁହାମୁଣ୍ଡା, ଯାମୁନାଳି ଓ ଗାଁ ବଇଣ୍ଡା ଅ□ଳବାସୀ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନାତ୍ମକ ପ୍ୟା ଗ୍ରହଣ କରିବେ ବୋଲି ଗଣ ମାଧ୍ୟମ ଜରିଆରେ ଚେତାବନୀ ଦେଇଛନ୍ତି ।

## ଗୌରାଙ୍ଗ ପାଲଙ୍କ କବିତା ପୁସ୍ତକ ଉନ୍ମୋଚନ

ରାଇଘର(ମହାଭାରତ): ସନାତନ ସ୍ମୃତି ସାହିତ୍ୟ ସଂସଦ ପକ୍ଷରୁ ତପନ କଲ୍ୟାଣ ମଣ୍ଡପ ଠାରେ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯକ୍ରମରେ ପୁସ୍ତକ ଉନ୍ମୋଚନ ଓ କବିତା ପାଠ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଅଧିବେଶନ ଡ ଦୀନବନ୍ଧୁ ନନ୍ଦୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ବଲ୍ଲଭ ରାଉତ ପ୍ରାକ୍ତନ ସଦସ୍ୟ ଓଡିଶା ସାହିତ୍ୟ ଏକାଡ଼େମୀ, ସମ୍ମାନିତ ଅତିଥି ଭାବେ ପ୍ରୀତି ସ୍ନିଗ୍ଧା ମହାପାତ୍ର ସାଂସଦ ପ୍ରତିନିଧି, ମୁଖ୍ୟ ବକ୍ତା ଭାବେ ମନୋରମା ମହାପାତ୍ର, ବରିଷ୍ଠ କବି, ସମ୍ମାନିତ ଅତିଥି ଭାବେ ଉମେଶ ଚନ୍ଦ୍ର ଭୁକ୍ତା ଅବସର ପ୍ରାପ୍ତ ଶିକ୍ଷାଧିକାରୀ, ସମୀକ୍ଷକ ଭାବେ ଅଭିରାମ ଲେଙ୍କା,ବ୍ୟଙ୍ଗ କବି ମଞ୍ଚାସିନ ଥିବାବେଳେ କବି ଗୌରାଙ୍ଗ ପାଲ୍ ଙ୍କ କବିତା ପୁସ୍ତକ ଫେରିବାକୁ ହେବ ଦିନେ ଉନ୍ମୋଚିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମଞ୍ଚପରିଚାଳନା ସଂଗ୍ରାମ କିଶୋର ପରିଡା କରିଥିବା ବେଳେ, ସାଗର କୁମାର ପରିଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରବିନ୍ଦ୍ର ବାହିନପତି ପ୍ରାରମ୍ଭିକ ସଙ୍ଗୀତ କରିଥିଲେ । କାର୍ଯ୍ୟକ୍ରମରେ ପ୍ରୀତି ସିଗ୍ଧା ମହାପାତ୍ର, ହେମଲତା ମାଝୀ, କାର୍ତ୍ତିକ ମଲ୍ଲିକ, ଟୁଟୁ ବାବୁ ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ରାଉତ ଓ ମିହିର କାନ୍ତି ଡାଲି ଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ଲୋକେଶ କୁମାର ଜେନା ଧନ୍ୟବାଦ ଦେଇ ପ୍ରଥମ ଅଧିବେଶନ ର ପରି ସମାପ୍ତି ଘଟିଥିଲା ।ଦ୍ୱିତୀୟ ଅଧିବେଶନ ପ୍ରଫୁଲ୍ଲ କୁମାର ରାଉତ ଙ୍କୁ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜକିଶୋର ନାୟକ, ପୂର୍ଣ୍ଣ ଚନ୍ଦ୍ର ସେଠୀ ଓ ମହାନନ୍ଦ ମହାଳିକ ମଞ୍ଚାସିନ ଥିଲେ ।ପ୍ରାୟ ତିରିଶ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ।ସମସ୍ତ କାର୍ଯ୍ୟକ୍ରମକୁ ଅଧାପକ ପରୀକ୍ଷିତ ସାହୁ ଓ ଧନଞ୍ଜୟ ମଲ୍ଲ ପରିଚାଳନା କରିଥିଲେ ।

## ଗଜପତି ଜିଲ୍ଲା ଭିଜନ ଡକ୍ୟୁମେଣ୍ଟ ୨୦୩୬, ନାଗରିକ ମଞ୍ଚର ଆଲୋଚନା ଚକ୍ର



ଗଜପତି(ମହାଭାରତ): ଗଜପତି ଜିଲ୍ଲା ନାଗରିକ ମଞ୍ଚ ଆନୁକୂଲ୍ୟରେ ଏକ ଆଲୋଚନା ଚକ୍ର ଉତ୍କଳ ହିତୈଷିଣୀ ସମାଜ ସଭା ଗୃହରେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଶାରଳା ଦେବ ପଟ୍ଟନାୟକ, ଅଶ୍ୱିନୀ କୁମାର ପାଢୀ, ଉପାନ୍ତ ପ୍ରହରୀ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର ମଞ୍ଚା ସିନ ଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ର,ଅଧାପକ,ଶିକ୍ଷକ,ଆଇନଜୀବୀ, କୃଷକ,ଶ୍ରମିକ,ବ୍ୟାଙ୍କକର୍ମଚାରୀ, ବ୍ୟବସାୟୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ,ସାହିତ୍ୟିକ,ଗବେଷକ, ଐତିହାସିକ,ସମାଜସେବୀ ,ସାମ୍ବାଦିକ ଇତ୍ୟାଦି ସବୁ ବର୍ଗର ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।ଓଡ଼ିଶା ସରକାର ପ୍ରସ୍ତୁତ କରିଥିବା ଭିଜନ ଡକ୍ୟୁମେଣ୍ଟ ୨୦୩୬ ପରିପ୍ରେକ୍ଷୀରେ ଗଜପତି ଜିଲ୍ଲାର ସମ୍ଭାବ୍ୟ ବିକାଶ ଦୃଶ୍ୟପଟ କିପରି ରହିବା ଆବଶ୍ୟକ ତାହାର ଉଲ୍ଲେଖ ସହିତ ସମସ୍ତଙ୍କ ସହମତିରେ ଏକ ଦାବି ତାଲିକା ପ୍ରସ୍ତୁତ କରାଯାଇଛି ।କୃଷି, ଜଳ ସେଚନ,ପର୍ଯ୍ୟଟନ, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ସହ ପାରଳାଖେମୁଣ୍ଡିର ସାମଗ୍ରିକ ବିକାଶକୁ ନେଇ ଏକ ଦାବୀ ପ୍ରସ୍ତୁତ କରାଯାଇଛି ।ଏଥିରେ କାର୍ଯ୍ୟ କାରିତା ପାଇଁ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ୩୧ ଜଣିଆ କାର୍ଯ୍ୟ ନିର୍ବାହୀକା ସମିତି ଗଠନ କରାଯାଇ ଥିବା ଜଣାଯାଏ ।ଏହି ସମିତି ଆବଶ୍ୟକୀୟ ସ୍ୱତନ୍ତ୍ର ଭିଜନ ଡକ୍ୟୁମେ□ ପ୍ରସ୍ତୁତ କରି ସରକାରଙ୍କ ସହ ସଂଯୋଗ ରକ୍ଷା ଓ ସହଯୋଗ ପୂର୍ବକ ସମସ୍ତ ବିହିତ ପଦକ୍ଷେପ ନେବାକୁ ସଭାରେ ନିଷ୍ପତ୍ତି ନିଆଯାଇଛି । ଓଡ଼ିଶା ସାହିତ୍ୟ ଏକାଡେମୀ ର ପ୍ରାକ୍ତନ ସଦସ୍ୟ ବିଚିତ୍ରା ନନ୍ଦ ବେବର୍ତ୍ତା ଓ ଶିକ୍ଷା ବିତ ଶ୍ୟାମ ସୁନ୍ଦର ଗନ୍ତାୟତ ସଂଯୋଜନା କରିଥିଲେ ।

## କ୍ଷୁଦ୍ର ଜଳସେଚନ ମଣ୍ଡଳ ନୂତନ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

ଫୁଲବାଣୀ: ଫୁଲବାଣୀ କ୍ଷୁଦ୍ର ଜଳସେଚନ ମଣ୍ଡଳର ନୂତନ କାର୍ଯ୍ୟାଳୟ ଓ ବାସଭବନର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି । ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ମୁଖ୍ୟ ଅତିଥ୍ ଭାବେ ଯୋଗ ଦେଇ ଶିଳାନ୍ୟାସ କରିଥିଲେ । ଏହି ମଣ୍ଡଳ ଅଧିନରେ କନ୍ଧମାଳ, ଭଞ୍ଜନଗର ଓ ବୌଦ୍ଧ କ୍ଷୁଦ୍ର ଜଳସେଚନ ବିଭାଜନ ରହିବ । ଏହାଦ୍ୱାରା ବିଭାଗ ପକ୍ଷରୁ ଉନ୍ନୟନ ମୂଳକ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହେବା ସହ ଚାଷୀ ପୂର୍ବାପେକ୍ଷା ଅଧିକ ଜଳସେଚନ ସୁବିଧା ପାଇବେ ବୋଲି ବିଧାୟକ ଶ୍ରୀ ମଲ୍ଲିକ କହିଛନ୍ତି ।୩୮.୫୭ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟାଳୟ ଓ ୨୮.୨୯ ଲକ୍ଷ ଟଙ୍କା ବ୍ୟୟରେ ବାସଭବନ ନିର୍ମାଣ ହେବ ।

## ଜିଲ୍ଲାସ୍ତରୀୟ ୧୯ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ




ଗଜପତି(ମହାଭାରତ): ଆଜି ଗଜପତି ଜିଲ୍ଲାସ୍ତରୀୟ ୧୯ତମ ଜାତୀୟ ପରିସଂଖ୍ୟାନ ଦିବସ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛ । ଏହି ଦିବସରେ ସମ୍ମାନିତ ଅତିଥି ଭାବରେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଯୁଗ୍ମ ନିର୍ଦ୍ଦେଶକ ପରିସଂଖ୍ୟାନ ବିଭାଗ ବ୍ରହ୍ମପୁର କୁଳମଣୀ ରାଉତ ଓ ସହକାରୀ ଉପନିର୍ଦ୍ଦେଶକ ପରିସଂଖ୍ୟାନ ବିଭାଗ ଗଜପତି ପ୍ରକାଶ ରାଉତ ଓ ଶ୍ରୀକୃଷ୍ଣ ଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଅର୍ଥନୈତିକ ଅଧାପକ ସଞ୍ଜୟ କୁମାର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ । ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ସାମାଜିକ,ଅର୍ଥନୈତିକ ଢାଞ୍ଚା ଓ ନୂତନ ନୀତି ପ୍ରସ୍ତୁତ କରିବାରେ ପରିସଂଖ୍ୟାନର ମହତ୍ୱ ସମ୍ପର୍କରେ ସଚେତନତା ପ୍ରସାର ଆଣିବା ପାଇଁ ପ୍ରତିବର୍ଷ ଜୁନ ୨୯ ତାରିଖକୁ 'ଜାତୀୟ ପରିସଂଖ୍ୟାନ ଦିବସ' ପାଳନ କରାଯାଉଛି । ସ୍ୱାଧୀନ ଭାରତର ପ୍ରଥମ ଯୋଜନା ଆୟୋଗର ସଦସ୍ୟ ତଥା ଜାତୀୟ ପରିସଂଖ୍ୟାନ ପ୍ରତିଷ୍ଠାତା ସ୍ୱର୍ଗତ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହଲାନୋବିସଙ୍କ ସ୍ମୃତିରେ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇ ଆସୁଛି । ଭାରତୀୟ ପରିସଂଖ୍ୟାନର ଜନକ ଭାବେ ପରିଚିତ ପ୍ରଫେସର ମହାଲାନୋବିସ ପ୍ରଶିକ୍ଷଣରେ ଜଣେ ପଦାର୍ଥ ବିଜ୍ଞାନୀ,ଜଣେ ପରିସଂଖ୍ୟାନ ବିତ୍ ଜଣେ ଯୋଜନା ପ୍ରସ୍ତୁତକାରୀ ଥିଲେ । ଦେଶର ପରିସଂଖ୍ୟାନ ଓ ଅର୍ଥନୈତିକ ଯୋଜନା କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ମରଣ କରିବା ପାଇଁ ୨୦୦୭ ମସିହାରୁ ତାଙ୍କ ଜନ୍ମ ଦିବସକୁ ପ୍ରତି ବର୍ଷ ଜୁନ୍ ୨୯ ତାରିଖକୁ ଜାତୀୟ ପରିସଂଖ୍ୟାନ ଦିବସ ରୂପେ ପାଳନ କରାଯାଉଛି । ଏହି ଅବସରରେ ଜାତୀୟ ପ୍ରଗତିରେ ସରକାରୀ ପରିସଂଖ୍ୟାନର ଭୂମିକାକୁ ଲୋକଲୋଚନକୁ ଆଣିବା ଲାଗି ସେମିନାର, ଆଲୋଚନାଚକ୍ର ଓ ପ୍ରତିଯୋଗିତା ମାନ ଆୟୋଜନ କରାଯାଇ ଆସୁଛି । ପରିସଂଖ୍ୟାନ ଅଧ୍ୟୟନ କରିବା ଓ ଦୈନନ୍ଦିନ ଜୀବନର ବିଭିନ୍ନ ପ୍ରସଙ୍ଗରେ ତାହାକୁ ପ୍ରୟୋଗ କରିବା ଲାଗି ଏହି ଦିବସ ଯୁବ ପିଢ଼ିକୁ ପ୍ରେରଣା ଯୋଗାଇଥାଏ । ସେହିପରି ଏହି ଦିବସ ପାଳନ ଦ୍ୱାରା ଦେଶର ବିଭିନ୍ନ ଯୋଜନା ଯଥା - କୃଷି ସମ୍ପର୍କିତ ରିପୋର୍ଟିଂ, ପ୍ରଧାନ ମନ୍ତ୍ରୀ ଫସଲ ବିମା ଯୋଜନା, ମୂଲ୍ୟ ନିର୍ଦ୍ଧାରଣ,ଜାତୀୟ ନମୁନା ସର୍ବେକ୍ଷଣ,କୃଷି ଜନଗଣନା ଓ କ୍ଷୁଦ୍ର ଜଳସେଚନ ଗଣନା ଇତ୍ୟାଦି ବିଭାଗର ଦ୍ୱାରା କରାଯାଇଥାଏ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ସଞ୍ଜୟ କୁମାର ଦଳେଇ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପରିସଂଖ୍ୟାନ ବିଭାଗ ବ୍ଲକ୍ ଓ ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଇସ୍ରାଏଲ ଏୟାରଷ୍ଟ୍ରାଇକରେ ହମାସର ଟପ୍ କମାଣ୍ଡରଙ୍କ ମୃତ୍ୟୁ

ନୂଆଦିଲ୍ଲୀ : ଆଇଡିଏଫ ପକ୍ଷରୁ ଏକ ବଡ଼ ସୂଚନା ସାମ୍ନାକୁ ଆସିଛି । ଇସ୍ରାଏଲ ସୈନ୍ୟମାନେ ଗାଜା ସହରର ସାବ୍ରା ଅଞ୍ଚଳକୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକରେ ଟପ୍ କମାଣ୍ଡର ହାକେମ୍ ମହମ୍ମଦ ଇସା ଅଲ୍-ଇସାଙ୍କୁ ହତ୍ୟା କରିଥିବା ଦାବି କରିଛନ୍ତି ଓଉର । ଅଲ୍-ଇସାକୁ ୭ ଅକ୍ଟୋବର ୨୦୨୩ରେ ହୋଇଥିବା ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଏବଂ ହମାସର ସୈନ୍ୟ ସଂସ୍ଥାପକ ସଦସ୍ୟଙ୍କ ମଧ୍ୟରୁ ଜଣେ ବୋଲି ଓଉର ଟ୍ୱିଟ୍ ମାଧ୍ୟମରେ ସୂଚନା ଦେଇଛନ୍ତି । ଏହା ଛଡ଼ା ଓଉର କହିଛନ୍ତି ଯେ, ଅକ୍ଟୋବର ୭ରେ ଘଟିଥିବା ଆକ୍ରମଣ ଯୋଜନାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସୂଚନାନୁଯାୟୀ, ଓଉର ଏବଂ ଇସ୍ରାଏଲ ସୁରକ୍ଷା ଏଜେନ୍ସି (ଓଝଇ) କହିଛନ୍ତି ଯେ ଆକ୍ରମଣରେ ଜଡିତ ଥିବା ସମସ୍ତ ଆତଙ୍କବାଦୀଙ୍କୁ ଖୋଜି ନିପାତ କରିବା ପାଇଁ ସେମାନେ ଅଭିଯାନ ଜାରି ରଖିବେ । କାଉନ୍ସିଲର ସଦସ୍ୟ, ଟ୍ରେନିଙ୍ଗ ହେଡକ୍ୱାଟରର ପ୍ରମୁଖ ଏବଂ ଅଲ-କସମ ବ୍ରିଗେଡସର ମିଲିଟାରୀ ଏକାଡେମୀର ସଂସ୍ଥାପକ ଯେଉଁମାନେ ଆତଙ୍କବାଦୀଙ୍କୁ ତାଲିମ ମାଧ୍ୟମରେ ବିକଶିତ କରିଥିଲେ ବୋଲି ଏକ ସୂତ୍ରରୁ ଜଣାପଡିଛି । ଓଉର ଏହା ମଧ୍ୟ କହିଛି ଯେ ଅଲ-ଇସା ସିରିଆ ଏବଂ ଇରାକରେ ଯୁଦ୍ଧ ତାଲିମ ପାଇଥିଲା । ୨୦୦୫ରେ ସିରିଆରୁ ଗାଜା ଆସିଥିଲା, ଯେଉଁଠାରେ ସେ ହମାସର ସାମରିକ ସଂଗଠନର ଅଂଶ ହୋଇଯାଇଥିଲା ।

# ପାକିସ୍ତାନରେ ଭୂକମ୍ପର ଝଟକା

ପାକିସ୍ତାନ : ପାକିସ୍ତାନରେ ଭୂକମ୍ପର ଝଟକା ଅନୁଭୂତ । ଏପରି ପରିସ୍ଥିତି ରବିବାର ବିଳମ୍ବିତ ରାତିରେ ଘଟିଥିବା ସୂଚନା ମିଳୁଛି । ଭୂକମ୍ପର ତୀବ୍ରତା ୫.୨ ଥିଲା । ଭୂକମ୍ପ କାରଣରୁ ଭୟରେ ଲୋକେ ଘରୁ ଦୌଡିଥିଲେ । ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତି ପ୍ରାୟ ୩ଟା ୫୪ ମିନିଟରେ ଭୂକମ୍ପ ଅନୁଭୂତ ହୋଇଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ୧୫୦କିଲୋମିଟରରେ ଗଭୀରତାରେ ଥିବା ଘଝଉ ସୂଚନା ଦେଇଛନ୍ତି । ଭୂକମ୍ପ ଯୋଗୁଁ କୌଣସି କ୍ଷୟକ୍ଷତି ଘଟିଛି କି ନାହିଁ ସେ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସୂଚନା ମିଳିପାରିନାହିଁ । ସେନେଇ ବର୍ତ୍ତମାନ ତଦନ୍ତ ଜାରି ରହିଛି । ସୂଚନାଯୋଗ୍ୟ ମେ ୧୨ରେ ଭୂକମ୍ପ ଅନୁଭୂତ ହୋଇଥିଲା । ଯାହାର ତୀବ୍ରତା ୪.୬ ଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରତାରେ ଅନୁଭୂତ ହୋଇଥିଲା । ମେ ୫ରେ ମଧ୍ୟ ପାକିସ୍ତାନରେ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା । ତୀବ୍ରତା ୪.୨ ଥିଲା ।

# ଭାରତ-ପାକ ବର୍ଡରରୁ ମିଳିଲା ୨ ମୃତଦେହ

ଜୟପୁର : ରାଜସ୍ଥାନର ଜୈସଲମେରରେ ଭାରତ-ପାକିସ୍ତାନ ବର୍ଡର(ସୀମା) ନିକଟରେ ଏକ ୧୫ ବର୍ଷୀୟ ନାବାଳିକା ଏବଂ ଜଣେ ଯୁବକଙ୍କ ମୃତଦେହ ମିଳିଛି । ମୃତଦେହଗୁଡ଼ିକ ପ୍ରାୟ ୬-୭ ଦିନ ତଳର ବୋଲି କୁହାଯାଉଛି । ମୃତଦେହଗୁଡ଼ିକ ନିକଟରେ ପାକିସ୍ତାନୀ ସିମ ଏବଂ ପରିଚୟପତ୍ର ମଧ୍ୟ ମିଳିଛି । ଏପରି ପରିସ୍ଥିତିରେ ଉଭୟ ପାକିସ୍ତାନୀ ହୋଇପାରନ୍ତି ବୋଲି ସନ୍ଦେହ କରାଯାଉଛି । ତେବେ ସେମାନଙ୍କ ମୃତ୍ୟୁ କିପରି ହୋଇଛି ସେ ବିଷୟରେ ସୂଚନା ଏପର୍ଯ୍ୟନ୍ତ ମିଳିପାରିନାହିଁ । ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, ଦୁଇଟିଯାକ ମୃତଦେହକୁ ଭାରତ-ପାକିସ୍ତାନ ବର୍ଡରଠାରୁ ପ୍ରାୟ ୧୦ ରୁ ୧୨ କିଲୋମିଟର ଭିତରେ ଭାରତୀୟ ସୀମାର ସାଡେୱାଲା ଅଞ୍ଚଳରେ ମିଳିଛି । ଟାନୋଟ ପୋଲିସ ଉଭୟ ମୃତଦେହକୁ ରାମଗଡ଼ ଉଐଉର ଶବଗୃହରେ ରଖିଛି । ପୋଷ୍ଟମର୍ଟମ ପରେ ହିଁ ଉଭୟଙ୍କ ମୃତ୍ୟୁର କାରଣ ଜଣାପଡିବ । ଝିଅ ଏବଂ ପୁଅ ଭାରତର ନା ପାକିସ୍ତାନର ବାସିନ୍ଦା ସେନେଇ ତଦନ୍ତ କରାଯାଉଛି ।

ମୃତଦେହ ପାଖରେ ମିଳିଥିବା ପରିଚୟପତ୍ରରେ ଯୁବକଙ୍କ ନାମ ପାକିସ୍ତାନର ଘୋଟକି ସିନ୍ଧର ଦିୱାନା ପୋଷ୍ଟ ଅଫିସ ଗୁଲାମ ହୁସେନ ଲିଗାରିର ପୁଅ ରବି କୁମାର ବୋଲି କୁହାଯାଉଛି । ସେହି ଝିଅଟି ନାବାଳିକା ଥିବା ବୋଲି କୁହାଯାଉଛି । ଉଭୟେ ସମାନ ଜିଲ୍ଲାର ବିଭିନ୍ନ ଗାଁର ବାସିନ୍ଦା । ସୂଚନା ଅନୁଯାୟୀ, ପାକିସ୍ତାନୀ ସିମ ଏବଂ ପରିଚୟପତ୍ର ସହିତ ମିଳିଥିବା ମୃତଦେହ ସମ୍ପର୍କରେ ସୁରକ୍ଷା ଏଜେନ୍ସି, ସୀମା ସୁରକ୍ଷା ବଳ, ଜୈସଲମେର ପୋଲିସ ତଦନ୍ତ ଆରମ୍ଭ କରିଛି । ପାଖ ଗାଁଗୁଡ଼ିକରେ ମଧ୍ୟ ପଚରାଉଚରା କରାଯାଉଛି । ସମ୍ଭବତଃ ଉଭୟେ ପାକିସ୍ତାନରୁ ଭିସା ନେଇ ଜୈସଲମେରରେ ରହୁଥାଇପାରନ୍ତି । ଏହା ସହିତ,ସୀମା ପାର ହେବାର ସମ୍ଭାବନା ମଧ୍ୟ ପ୍ରକାଶ କରାଯାଉଛି । ଏଜେନ୍ସିଗୁଡ଼ିକ ସମସ୍ତ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି ଏବଂ ପୁଅ ଏବଂ ଝିଅ ଉଭୟ ପାକିସ୍ତାନରେ ରହୁଥିଲେ କି ଭାରତରେ ରହୁଥିଲେ ତାହା ଜାଣିବା ପାଇଁ ପ୍ରୟାସ କରାଯାଉଛି । ସେମାନଙ୍କର ମୃତ୍ୟୁ କିପରି ହୋଇଥିଲା ଏବଂ ସେମାନଙ୍କ ମୃତଦେହ ଏଠାକୁ କିପରି ପହଞ୍ଚିଥିଲା । ସମସ୍ତ ଦିଗରୁ ତଦନ୍ତ କରାଯାଉଛି ।

# ରିଲ୍ସ ପାଇଁ ଆଇଫୋନ ଚୋରି କଲେ ୨ ନାବାଳକ, ବ୍ୟକ୍ତିଙ୍କୁ କଲେ ହତ୍ୟା

ଉତ୍ତରପ୍ରଦେଶ : ଉତ୍ତର ପ୍ରଦେଶରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଦୁଇ ଜଣ ନାବାଳକ ଜଣେ ବ୍ୟକ୍ତିଙ୍କ ଆଇଫୋନ ଚୋରି କରିବା ପାଇଁ ବ୍ୟକ୍ତିଙ୍କ ଗଳା କାଟି ହତ୍ୟା କରିଛନ୍ତି । କେବଳ ସେତିକି ନୁହେଁ ତା'ପରେ ସେହି ବ୍ୟକ୍ତିଙ୍କ ମୁଣ୍ଡକୁ ପଥରରେ ଚୂର୍ଣ୍ଣ କରିଛନ୍ତି ବୋଲି ପୋଲିସ କହିଛି । କାରଣ ଆଇଫୋନ ଚୋରି କରିଲେ "ଉଚ୍ଚମାନର ରିଲ୍" ତିଆରି କରାଯାଇପାରିବ । ଯାହା ଦ୍ୱାରା ଅଧିକ ଲାଇକ୍ ମିଳିପାରିବ । ପୋଲିସ ଏହି ଘଟଣାରେ ଉଭୟ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି । ଅତିରିକ୍ତ ପୋଲିସ ଅଧୀକ୍ଷକ ରାମାନନ୍ଦ ପ୍ରସାଦ କୁଶୱାହା କହିଛନ୍ତି ଯେ ଘଟଣାଟି ଜୁନ୍ ୨୦ ରାତିରେ ହୋଇଛି । ଖବର ଅନୁସାରେ "ଶାଦାବ ଜୁନ୍ ୨୧ ତାରିଖରେ ନିଖୋଜ ହୋଇଥିବା ରିପୋର୍ଟ ହୋଇଥିଲା । ସେହି ଦିନ ତାଙ୍କ ମୃତଦେହ ଗାଁ ବାହାରେ ଥିବା ଏକ ଗୁଆ ବଗିଚାରେ ଥିବା ଏକ କ୍ଷୟକ୍ଷତି ନଳକୂପ ନିକଟରେ ମିଳିଥିଲା । ଶାଦାବର ଗଳାକୁ ଛୁରୀରେ କାଟି ଥିବା ଚିହ୍ନ ଥିଲା ଏବଂ ତାଙ୍କ ମୁଣ୍ଡକୁ ଇଟାରେ ଛେଚି ଦିଆଯାଇଥିବା କହିଥିଲେ ଅଧିକାରୀ । ତଦନ୍ତ ଅନୁସାରେ ପୋଲିସ ଗତକାଲି ଦିନ ୧୪ ଏବଂ ୧୬ ବର୍ଷ ବୟସର ଦୁଇ ଜଣ ନାବାଳକଙ୍କୁ ଗିରଫ କରିଛି । "ପଚରାଉଚରା ସମୟରେ, ଦୁଇ ନାବାଳକ ଅପରାଧ ସ୍ୱୀକାର କରି କହିଥିଲେ ଯେ ଭଲ ରିଲ୍ ତିଆରି କରିବା ପାଇଁ ସେମାନଙ୍କୁ ଏକ ଉଚ୍ଚମାନର ମୋବାଇଲ୍ ଫୋନ୍ ଆବଶ୍ୟକ ଥିଲା । ସେମାନେ ଚାରି ଦିନ ପୂର୍ବରୁ ହତ୍ୟା ଯୋଜନା କରିଥିବା ସ୍ୱୀକାର କରିଥିଲେ । ଶାଦାବର ଆଇଫୋନକୁ ଟାର୍ଗେଟ କରିଥିଲେ ଏହି ଦୁଇ ନାବାଳକ ବୋଲି ପୋଲିସ ଅଧିକାରୀ କହିଛନ୍ତି । "ଘଟଣା ରାତିରେ ସେମାନେ ଶାଦାବଙ୍କୁ ରିଲ୍ ତିଆରି କରିବା ବାହାନାରେ ଗାଁ ବାହାରେ ଏକ ନିର୍ଜନ ଅଞ୍ଚଳକୁ ନେଇଯାଇଥିଲେ । ସେଠାରେ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ, ତାଙ୍କ ଗଳା କାଟି ଦେଇଥିଲେ ଏବଂ ତା'ପରେ ଇଟାରେ ତାଙ୍କ ମୁଣ୍ଡକୁ ଚୂର୍ଣ୍ଣ କରିଥିଲେ," ଅଧିକାରୀ ଜଣକ ଆହୁରି ମଧ୍ୟ କହିଛନ୍ତି । ପୋଲିସ ଶାଦାବର ଆଇଫୋନ, ହତ୍ୟାରେ ବ୍ୟବହୃତ ଛୁରୀ ଏବଂ ଇଟା ଜବତ କରିଛି । ଭାରତୀୟ ନ୍ୟାୟ ସଂହିତା (ଈଘଝ)ର ଧାରା ୧୦୩(୧) (ହତ୍ୟା) ଏବଂ୨୩୮ (ପ୍ରମାଣ ଲୁଚାଇବା) ଅନୁଯାୟୀ ଦୁଇ ନାବାଳକ ଅଭିଯୁକ୍ତ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସମେତ ଚାରି ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଥିଲା । ମୃତଦେହ ମିଳିବା ପରେ ନାବାଳକ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ପ୍ରଥମେ ଘରୁ ପଳାଇ ଯାଇଥିଲେ । ଗୁରୁବାର ଉଭୟ ନାବାଳକଙ୍କୁ ଅଟକ ରଖାଯାଇଥିଲା ।ଅସ୍ତ୍ର ଲୁଚାଇବାରେ ସାହାଯ୍ୟ କରିଥିବା ଅଭିଯୁକ୍ତଙ୍କ ସମ୍ପର୍କୀୟଙ୍କ ମଧ୍ୟରୁ ଜଣେଙ୍କୁ ଶୁକ୍ରବାର ଗିରଫ କରାଯାଇ ଜେଲ ପଠାଯାଇଛି । ଚତୁର୍ଥ ବୟସ୍କ ଅଭିଯୁକ୍ତଙ୍କୁ ଖୋଜା ଚାଲିଛି ବୋଲି ପୋଲିସ କହିଛି ।

# ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା : ୯ ନିଖୋଜ



ଉତ୍ତରକାଶୀ : ଗତକାଲି ରାତିରୁ ଉତ୍ତରାଖଣ୍ଡର ପାହାଡ଼ି ଜିଲ୍ଲାଗୁଡ଼ିକରେ ବାଦଲ ଫଟା ବର୍ଷା ହୋଇଛି । ଉତ୍ତରକାଶୀ ଜିଲ୍ଲାରେ ଏକ ହୋଟେଲ ନିର୍ମାଣରେ ନିୟୋଜିତ ଥିବା ନଅ ଜଣ ଶ୍ରମିକ ନିଖୋଜ ଅଛନ୍ତି । ପ୍ରବଳ ବର୍ଷା ହେବ ଫଳରେ ଯମୁନୋତ୍ରୀ ରାଜପଥ ୧୦ ମିଟର ଧୋଇଯାଇଛି । ରୁଦ୍ରପ୍ରୟାଗ ଏବଂ ଚାମୋଲି ଜିଲ୍ଲାରେ ଅବସ୍ଥିତ ବଦ୍ରିନାଥ ଏବଂ କେଦାରନାଥ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ, ମନ୍ଦାକିନୀ ଏବଂ ଅଳକନନ୍ଦା ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ରହିଛି । ଉଭୟ ଜିଲ୍ଲାର ପୋଲିସ ନଦୀ କୂଳରେ ରହୁଥିବା ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ଯିବାକୁ ଅନୁରୋଧ କରୁଛନ୍ତି ଏବଂ ତୀର୍ଥଯାତ୍ରୀ ଏବଂ ଅନ୍ୟ ଲୋକମାନଙ୍କୁ ନଦୀ କୂଳକୁ ଯିବାରୁ ରୋକିବାକୁ ମଧ୍ୟ ଅନୁରୋଧ କରିଛନ୍ତି । ଚାମୋଲି ଜିଲ୍ଲାରେ ବର୍ଷା ହେବ ଫଳରେ ଅନେକ ସ୍ଥାନରେ ରାଜପଥରେ ଭଙ୍ଗାରୁଜା ଏବଂ ଭୂସ୍ଖଳନ ଯୋଗୁଁ ରାସ୍ତା ଅବରୋଧ ହୋଇଛି । କାମେଦା ନନ୍ଦପ୍ରୟାଗରେ ଭଙ୍ଗାରୁଜା ଯୋଗୁଁ ରାଜପଥ ବନ୍ଦ ରହିଛି । ସୂଚନା ଅନୁସାରେ ରାତି ପ୍ରାୟ ୩ଟା ସମୟରେ ଯମୁନୋତ୍ରୀ ରାଜପଥର ପାଲିଗଡଠାରୁ ୪ କିଲୋମିଟର ଆଗକୁ ସିଲାଇ ବନ୍ଦ ନିକଟରେ ଏକ ବାଦଲ ଫଟା ବର୍ଷା ହୋଇଥିଲା । ଏହି କାରଣରୁ ଜଳ ପ୍ରବାହରେ ୯ ଜଣ ଶ୍ରମିକ ନିଖୋଜ ଥିବା ଜଣାପଡ଼ିଛି । ଏନେଇ ଜିଲ୍ଲା ମାଜିଷ୍ଟ୍ରେଟ୍ ଉତ୍ତରକାଶୀ ପ୍ରଶାନ୍ତ ଆର୍ଯ୍ୟ କହିଛନ୍ତି ଯେ ସିଲାଇ ବନ୍ଦ ନିକଟରେ ଏକ ହୋଟେଲ ନିର୍ମାଣାଧୀନ ଅଛି । ଯାହାର ଶ୍ରମିକମାନେ ନିକଟସ୍ଥ ଏକ ଶିବିରରେ ରହୁଥିଲେ । ଶିବିରରେ ପ୍ରାୟ ୧୯ ଜଣ ଶ୍ରମିକ ଥିଲେ, ଯେଉଁଥିରୁ ୯ ଜଣ ଶ୍ରମିକ ନିଖୋଜ ଅଛନ୍ତି । ସେହିପରି, ପ୍ରବଳ ଭଗ୍ନାବଶେଷ ଯୋଗୁଁ, ସିଲାଇ ବନ୍ଦ ନିକଟରେ ଜାତୀୟ ରାଜପଥର ପ୍ରାୟ ୧୦ ମିଟର ମଧ୍ୟ ଧୋଇଯାଇଛି, ଯାହାର ପୁନଃନିର୍ମାଣରେ ସମୟ ଲାଗିପାରେ । ଘଡଜର, ଝଡଜର ଏବଂ ପୋଲିସ ଏବଂ ରାଜସ୍ୱ ଦଳ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି ।

# କର୍ଣ୍ଣାଟକ ବାଘୁଣୀ ଓ ଚାରି ଛୁଆଙ୍କ ମୃତ୍ୟୁ ଘଟଣାର ଖୁଲାସା : ୩ ଜଣଙ୍କୁ ଗିରଫ କରିଛି ବନ ବିଭାଗ



କର୍ଣ୍ଣାଟକ : କର୍ଣ୍ଣାଟକର ଚାମରାଜନଗର ଜିଲ୍ଲାରେ ଏକ ବାଘୁଣୀ ଏବଂ ତାଙ୍କ ଚାରି ଛୁଆଙ୍କ ମୃତ୍ୟୁ ଘଟଣାର ଖୁଲାସା ହୋଇଛି । ପ୍ରତିଶୋଧ ସ୍ୱରୂପ ବାଘୁଣୀ ଏବଂ ତାଙ୍କ ଛୁଆମାନଙ୍କୁ ହତ୍ୟା କରାଯାଇଥିଲା । ବାଘୁଣୀ ଜଣେ ବ୍ୟକ୍ତିଙ୍କ ଗାଈକୁ ମାରି ଦେଇଥିଲା । ଅଭିଯୁକ୍ତମାନେ ରାଗିଯାଇ ବାଘୁଣୀ ଏବଂ ତାଙ୍କ ଛୁଆମାନଙ୍କୁ ବିଷ ଦେଇ ଦେଇଥିଲେବୋଲି ବନ ବିଭାଗ ଅଧିକାରୀମାନେ ସୂଚନା ଦେଇଛନ୍ତି ।

ପୋଲିସ କହିଛି ଯେ ଏହି ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ହୋଇଥିବା ଲୋକଙ୍କ ମଧ୍ୟରୁ ଜଣେ ମୃତ ଗାଈର ମାଲିକ, ଯାହାର ଗାଈକୁ ବାଘୁଣୀ ଶିକାର କରିଥିଲା । ଏହି ଘଟଣା ଚାମରାଜନଗର ଜିଲ୍ଲାର ହୁଗ୍ୟାମ ଜଙ୍ଗଲ ଅଞ୍ଚଳରେ ହୋଇଥିଲା । ଗୁରୁବାର ଦିନ ବାଘୁଣୀ ଏବଂ ତା'ର ଛୁଆମାନଙ୍କୁ ମୃତ ଅବସ୍ଥାରେ ପାଇ ବହୁତ ହଇଚଇ ସୃଷ୍ଟି ହୋଇଥିଲା । ତଦନ୍ତରୁ ଜଣାପଡିଲା ଯେ ବାଘୁଣୀ ଏବଂ ତା'ର ଛୁଆମାନଙ୍କୁ ବିଷ ଦିଆଯାଇଥିଲା । ତଦନ୍ତ ସମୟରେ ପୋଲିସ ଘଟଣାସ୍ଥଳରୁ ଏକ ଗାଈର ମୃତଦେହର କିଛି ଅଂଶ ପାଇଥିଲା । ତଦନ୍ତରୁ ଜଣାପଡିଲା ଯେ ଏହି ଗାଈ ମାଦୁରାଜୁଙ୍କର ବୋଲି ଜଣା ପଡ଼ିଥିଲା । ପୋଲିସ ସୂଚନା ଅନୁସାରେ ବାଘୁଣୀଟି ମାଦୁରାଜୁଙ୍କ ଗାଈକୁ ମାରି ଦେଇଥିଲା । ଏହି ଘଟଣାରେ ମାଦୁରାଜୁ ବହୁତ ବିରକ୍ତ ଓ କ୍ରୋଧିତ ହୋଇଯାଇଥିଲେ । ତାଙ୍କ କ୍ଷତି ଯୋଗୁଁ, ଅଭିଯୁକ୍ତ ମାଦୁରାଜୁ ମୃତ ଗାଈର ଅବଶେଷ ଉପରେ ବିଷ ଛିଞ୍ଚି ଦେଇଥିଲା । ଯେତେବେଳେ ବାଘୁଣୀ ଏବଂ ତାଙ୍କ ଛୁଆମାନେ ପୁଣି ଗାଈର ମାଂସ ଖାଇବାକୁ ଆସିଥିଲେ ମାଂସ ସହିତ ସେମାନଙ୍କ ଶରୀରରେ ବିଷ ମଧ୍ୟ ପ୍ରବେଶ କରିଥିଲା । ଯାହା ଯୋଗୁଁ ବାଘୁଣୀ ଏବଂ ତାଙ୍କ ଛୁଆମାନଙ୍କର ମୃତ୍ୟୁ ହୋଇଥିଲା । ମାଦୁରାଜୁଙ୍କ ବାପା ଦାବି କରିଥିଲେ ଯେ ସେ ବାଘୁଣୀ ଏବଂ ତାଙ୍କ ଛୁଆଙ୍କ ମୃତ୍ୟୁ ପାଇଁ ଦାୟୀ । ତଦନ୍ତରେ ମାଦୁରାଜୁଙ୍କ ସମ୍ପୃକ୍ତି ଜଣାପଡ଼ିବା ପରେ ତାଙ୍କ ବାପାଙ୍କୁ ଛାଡି ଦିଆଯାଇଥିଲା । ଏହି ଘଟଣାକୁ ନେଇ ବହୁତ ହଇଚଇ ସୃଷ୍ଟି ହୋଇଥିଲା ଏବଂ ଲୋକମାନେ ବନ୍ୟପ୍ରାଣୀଙ୍କ ସୁରକ୍ଷା ନେଇ ଚିନ୍ତା ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ମଧ୍ୟ ଏହି ମାମଲାରେ ଏକ ରିପୋର୍ଟ ମାଗିଛନ୍ତି ଏବଂ ରାଜ୍ୟ ବନ୍ୟମନ୍ତ୍ରୀ କହିଛନ୍ତି ଯେ କୌଣସି ଦୋଷୀଙ୍କୁ ଛଡ଼ାଯିବ ନାହିଁ ।

# ମସ୍କୋରେ ବିମାନ ଦୁର୍ଘଟଣା, ୪ମୃତ



ମସ୍କୋ : ପୁଣି ଗତକାଲି ଅର୍ଥାତ୍ ଶନିବାର ଆଉ ଏକ ବିମାନ ଦୁର୍ଘଟଣାର ଖବର ସାମ୍ନାକୁ ଆସିଛି । ରୁଷର ରାଜଧାନୀ ମସ୍କୋରେ ଦୁର୍ଘଟଣା ଘଟିଛି । ଣବଳ-୧୮ଞ୍ଚ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ସେହି ଦୁର୍ଘଟଣାରେ ୪ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ନିୟନ୍ତ୍ରଣ ହରାଇ ତଳେ ଖସି ପ୍ଲେନ୍ କ୍ରାସ୍ ହୋଇଛି । ମୃତକଙ୍କ ମଧ୍ୟରେ କ୍ରୁ ସଦସ୍ୟ ଏବଂ ପାଇଲଟ ରହିଥିବା ସୂଚନା ମିଳିଛି । ସୂଚନାନୁଯାୟୀ, ଇଞ୍ଜିନ ଫେଲ୍ ହେବା ପରେ ବିମାନଟି ନିୟନ୍ତ୍ରଣ ବାହାରକୁ ଯାଇ କୋଲୋମନାର ଏକ ଖୋଲା ପଡ଼ିଆରେ ଖସି ପଡ଼ିଥିଲା । ଫଳରେ ବିମାନଟିରେ ନିଆଁ ଲାଗିଯାଇଥିଲା । ଦୁର୍ଘଟଣା ସମୟରେ ବିମାନରେ ୪ ଜଣ ଯାତ୍ରୀ ମଧ୍ୟ ରହିଥିଲେ । ଯାହା ଦ୍ୱାରା ସେମାନଙ୍କର ମୃତ୍ୟୁ ଘଟିଥିଲା । କିନ୍ତୁ ସ୍ଥାନୀୟ ଅଞ୍ଚଳରେ ଥିବା ସମ୍ପତ୍ତି କିମ୍ବା କାହାର ଜୀବନହାନି ଘଟିଥିବାର ସୂଚନା ନାହିଁ । ଅନ୍ୟପଟେ ବିମାନ ଉଡ଼ାଣ ପାଇଁ ସରକାରୀ ଅନୁମତି ମିଳି ନଥିବା ଦାବି କରିଛି ଏକ ରିପୋର୍ଟ । ଏହି ଦୁର୍ଘଟଣାର ଗମ୍ଭୀରତାକୁ ଆହୁରି ବଢାଇ ଦେଇଛି । ଉଡାଣ ପୂର୍ବରୁ ସୁରକ୍ଷା ଉପରେ ଧ୍ୟାନ ଦିଆଯାଇଥିଲା କି ନାହିଁ ସେନେଇ ମସ୍କୋ ପ୍ରୋସିକ୍ୟୁଟର ଅଫିସ ଏହି ମାମଲାର ତଦନ୍ତ ଆରମ୍ଭ କରିଛି । ସୂଚନାଯୋଗ୍ୟ, ଜୁନ ୧୨ ତାରିଖରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ହୋଇଥିଲା । ବିମାନରେ ଥିବା ଜଣେ ଯାତ୍ରୀଙ୍କୁ ଛାଡ଼ି ଅନ୍ୟ ସମସ୍ତ ଯାତ୍ରୀ ଓ କ୍ରିଉ ମେମ୍ବର ୨୪୧ ଜଣ ପ୍ରାଣ ହରାଇଥିଲେ ।

# ମୋହୁଆ ମୈତ୍ରଙ୍କୁ ତୃଣମୂଳ କଂଗ୍ରେସ ନେତା କଲ୍ୟାଣ ବାନାର୍ଜୀଙ୍କ ଟାର୍ଗେଟ୍





କୋଲକାତା : ତୃଣମୂଳ କଂଗ୍ରେସ ଦଳରୁ ଦୂରେଇ ଦିଆ ଯାଇଥିବା ସାଂସଦ କଲ୍ୟାଣ ବାନାର୍ଜୀ ଟାର୍ଗେଟ୍ କରି ଅତି ବ୍ୟକ୍ତିଗତ ଆକ୍ଷେପ କରିଛନ୍ତି ମୋହୁଆ ମୈତ୍ରଙ୍କୁ । ନିଜ ଦଳର ସାଂସଦ ମୋହୁଙ୍କୁଆ ସେ କହିଛନ୍ତି ଯେ ହନିମୁନ୍ ସାରି ଫେରିବା ପରେ ମୋ ସହ ଝଗଡ଼ା କରୁଛନ୍ତି । କୋଲକାତାରେ ଆଇନ୍ କଲେଜ ଛାତ୍ରୀଙ୍କ ଗଣଦୁଷ୍କର୍ମ ଘଟଣାରେ ମୋହୁଆ କଲ୍ୟାଣଙ୍କୁ ସମାଲୋଚନା କରିଥିଲେ । ସେ ତାଙ୍କ ନାଁ ନନେଇ ଏଭଳି ନେତାମାନେ ମହିଳା ବିରୋଧୀ ବୋଲି 'ଏକ୍ସ'ରେ ପୋଷ୍ଟ କରିଥିଲେ । ତାରି ଜବାବରେ କଲ୍ୟାଣ କହିଛନ୍ତି ଯେ ଜଣେ ୪୦ ବର୍ଷର ମହିଳା ୬୫ ବର୍ଷ ବୟସ୍କ ବ୍ୟକ୍ତିଙ୍କୁ ବାହା ହୋଇଛନ୍ତି । ଏହା କଣ ମହିଳାମାନଙ୍କ ମନ ଭାଙ୍ଗି ଦେଇନି କି ? ଗତ ମାସ ବିଜେଡିର ପୂର୍ବତନ ସାଂସଦ ପିନାକୀ ମିଶ୍ରଙ୍କୁ ମୋହୁଆ ବିବାହ କରିଥିଲେ । ଯାହାକୁ ନେଇ ଖୁବ୍ ଚର୍ଚ୍ଚା ହୋଇଛି । ଦୁହେଁ ବର୍ଲିନରେ ବିବାହ କରିବା ପରେ ଏକ ପୁରୁଣା ହିନ୍ଦୀ ଗୀତରେ ନାଚୁଥିବା ଭିଡିଓ ଭାଇରାଲ ହୋଇଥିଲା । ତେବେ କଲ୍ୟାଣ ବାନାର୍ଜୀଙ୍କ ଏହି ବ୍ୟକ୍ତିଗତ ଆକ୍ଷେପକୁ ନାପସନ୍ଦ କରାଯାଇଛି ।

# ପୁଣି ଏୟାର ଇଣ୍ଡିଆରେ ବଡ଼ ଦୁର୍ଘଟଣା ! ମଝି ଆକାଶରେ କ୍ୟାବିନରୁ ଆସିଲା ପୋଡା ଗନ୍ଧ



ମୁମ୍ବାଇ : କ୍ୟାବିନରେ ପୋଡ଼ା ଗନ୍ଧ ଆସିବାରୁ ଚେନ୍ନାଇ ଯାଉଥିବା ଏକ ଏୟାର ଇଣ୍ଡିଆର ବିମାନକୁ ମୁମ୍ବାଇ ଫେରିବାକୁ ପଡିଛି । ଏୟାର ଇଣ୍ଡିଆ ତା'ର ବିବୃତ୍ତିରେ କହିଛି ଯେ ବିମାନଟି ସୁରକ୍ଷିତ ଭାବରେ ଅବତରଣ କରିଛି । ଚିନ୍ତା କରିବାର କିଛି ନାହିଁ । ଏୟାରଲାଇନ୍ସ ତା'ର ବିବୃତ୍ତିରେ କହିଛି ଯେ 'କ୍ୟାବିନରେ ପୋଡ଼ା ଗନ୍ଧ ଆସିବାରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ମୁମ୍ବାଇରୁ ଚେନ୍ନାଇ ଯାଉଥିବା ଏୟାର ଇଣ୍ଡିଆର ବିମାନ ନମ୍ବର ଇଓ ୬୩୯ ଫେରିବାକୁ ପଡିଲା ।' ମୁମ୍ବାଇ ବିମାନବନ୍ଦରରେ ଏୟାର ଇଣ୍ଡିଆର କର୍ମଚାରୀମାନେ ଯାତ୍ରୀମାନଙ୍କୁ ସାହାଯ୍ୟ କରିବା ପାଇଁ ତୁରନ୍ତ ପଦକ୍ଷେପ ନେଇଥିଲେ । ଯାତ୍ରୀମାନଙ୍କୁ ଖାଦ୍ୟ, ସୂଚନା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସହାୟତା ଦିଆଯାଇଥିଲା ଯାହା ଦ୍ୱାରା ସେମାନେ ସର୍ବନିମ୍ନ ଅସୁବିଧାର ସମ୍ମୁଖୀନ ହୋଇପାରିବେ । ଏହି ଅପ୍ରତ୍ୟାଶିତ ଘଟଣା ପାଇଁ ବିମାନ କମ୍ପାନୀ ଯାତ୍ରୀମାନଙ୍କୁ କ୍ଷମା ମଧ୍ୟ ମାଗିଛି । ଏହି ଘଟଣାଟି ଛୋଟ ମନେହୁଏ, କିନ୍ତୁ ବିମାନ କମ୍ପାନୀ ସୁରକ୍ଷା ସମ୍ପର୍କରେ କୌଣସି ବିପଦ ନେବାକୁ ଚାହୁଁନାହିଁ । ସେଥିପାଇଁ ଏୟାର ଇଣ୍ଡିଆ ଏହି ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିଜର ଦାୟିତ୍ୱ ପୂରଣ କରିଛି । ୧୨ ଜୁନ, ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆର ବିମାନ ଇଓ-୧୭୧ ଉଡ଼ାଣ ଆରମ୍ଭ ହେବାର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏବଂ ଏହି ବିମାନଟି ବିଜେ ମେଡିକାଲ କଲେଜ ଏବଂ ସିଭିଲ ହସ୍ପିଟାଲର ହଷ୍ଟେଲ କୋଠା ସହିତ ଧକ୍କା ହୋଇଥିଲା । ଏହି ଦୁର୍ଘଟଣାରେ ବିମାନରେ ଥିବା ୨୪୧ ଜଣ (୨୨୯ ଜଣ ଯାତ୍ରୀ (ଜଣେ ଜୀବିତ) ଏବଂ ୧୦ ଜଣ କ୍ୟାବିନ କ୍ରୁ, ୨ ଜଣ ପାଇଲଟ), ହଷ୍ଟେଲରେ ଥିବା ୩୪ ଜଣ ସମେତ ୨୭୫ ଜଣଙ୍କର ମୃତ୍ୟୁ ହୋଇଥିଲା । ଏହି କାରଣରୁ, ଏୟାର ଇଣ୍ଡିଆ ପ୍ରତ୍ୟେକ ଛୋଟ ଛୋଟ ଜିନିଷ ଉପରେ ବିଶେଷ ଧ୍ୟାନ ଦେଉଛି । ଅହମ୍ମଦାବାଦରେ ବିମାନ ଦୁର୍ଘଟଣା ହେବା ପରଠାରୁ, ଡିଜିସିଏ ଏୟାର ଇଣ୍ଡିଆକୁ କମ୍ପାନୀର ସମସ୍ତ ବୋଇଂ ୭୮୭ ବିମାନ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲା । ଯାହାଫଳରେ ଭବିଷ୍ୟତରେ ଏପରି ଦୁର୍ଘଟଣା ନ ଘଟେ । ଦ୍ୱିତୀୟତଃ, ସେମାନଙ୍କର ଯାଞ୍ଚରେ ମଧ୍ୟ ସମୟ ଲାଗେ । କମ୍ପାନୀ କହିଛି ଯେ ସୁରକ୍ଷା ସହିତ କୌଣସି ସାଲିସ କରାଯିବ ନାହିଁ । ଏପରି ପରିସ୍ଥିତିରେ, ଏୟାର ଇଣ୍ଡିଆ ପାଖରେ ଏହାର ଉଡ଼ାଣ ବାତିଲ କରିବା କିମ୍ବା ସେମାନଙ୍କର କାର୍ଯ୍ୟକୁ ସୀମିତ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା । ପ୍ରକୃତରେ, ଅହମ୍ମଦାବାଦ ଦୁର୍ଘଟଣା ପରେ, ଏପରି ଅନେକ ଘଟଣା ଘଟିଛି ଯେତେବେଳେ ଏୟାର ଇଣ୍ଡିଆ ଯାତ୍ରୀବାହୀ ବିମାନଗୁଡ଼ିକୁ ଜରୁରୀକାଳୀନ ଅବତରଣ କରିବାକୁ ପଡିଥିଲା ଏବଂ ଶେଷ ମୁହୂର୍ତ୍ତରେ ବାତିଲ କିମ୍ବା ଡାଇଭର୍ଟ କରାଯାଇଥିଲା ।

### ବିଶ୍ୱ ଆଥଲେଟିକ୍ସ ଜାଭେଲିନ ମାନ୍ୟତା

# ଗୋଲ୍ଡେନ୍ ବୟ ନୀରଜ ଚୋପ୍ରା ଏକ ନମ୍ବର



ନୂଆଦିଲ୍ଲୀ, ୨୯/୦୬: ଡବଲ୍ ଅଲିମ୍ପିକ୍ ପଦକ ବିଜେତା ଭାରତର ନୀରଜ ଚୋପ୍ରା ସଦ୍ୟ ଘୋଷିତ ବିଶ୍ୱ ଆଥଲେଟିକ୍ସ ଜାଭେଲିନ ମାନ୍ୟତା ତାଲିକାରେ ଶୀର୍ଷ ସ୍ଥାନ ଫେରି ପାଇଛନ୍ତି ସେ ମୋଟ୍ ୧୪୪୫ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛନ୍ତି ପୂର୍ବରୁ ଏହି ସ୍ଥାନରେ ଥିବା ଗ୍ରେନାଡାର ଆଣ୍ଡରସନ ପିଟର୍ସ ଦ୍ୱିତୀୟକୁ ଖସିଛନ୍ତି ସେ ୧୪୩୧ ପଏଣ୍ଟ ପାଇଛନ୍ତି ସେହିପରି ଜର୍ମାନୀର ଜୁଲିଏନ ରେ ୧୪୦୧ ପଏଣ୍ଟ ସହ ତୃତୀୟ, ଅଲିମ୍ପିକ୍ ଚାମ୍ପିଅନ୍ ପାକିସ୍ତାନର ଅର୍ଶଦ ନଦୀମ ୧୩୭୦ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି ଗତ ବର୍ଷ ସେପ୍ଟେମ୍ବର ମାସରେ ପିଟର୍ସ ଡାଏମଣ୍ଡ ଲିଗ୍ ଫାଇନାଲ୍‌ରେ ଚାମ୍ପିଅନ୍ ହେବା ସହ ନୀରଜଙ୍କୁ ପଛରେ ପକାଇ ଶୀର୍ଷ ମାନ୍ୟତା ଦଖଲ କରିଥିଲେ

ଚଳିତ ସିଜନରେ ନୀରଜଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି ସେ ପୋଏଷ୍ଟ୍ରମ୍ ଠାରେ ଅନୁଷ୍ଠିତ ମିଟ୍‌ରେ ସ୍ୱର୍ଣ୍ଣ ପଦକ ଜିତି ସିଜନ ଆରମ୍ଭ କରିଥିଲେ ଏହି ମିଟରେ ସେ ୮୪.୫୨ମିଟର ଥ୍ରୋ କରିଥିଲେ ଏହାପରେ ଦୋହା ଡାଏମଣ୍ଡ୍‌ରେ ପ୍ରଥମ ଭାରତୀୟ ଭାବେ ୯୦ମିଟର ଦୂରତା ଅତିକ୍ରମ କରି ଇତିହାସ ରଚିଥିଲେ ସେ ୯୦.୨୩ମିଟର ଥ୍ରୋ ସହ ଦ୍ୱିତୀୟରେ ରହିଥିଲେ ପରେ ନୀରଜ ଜାନୁଜ କୁସୋସିନସ୍କି ମେମୋରିଆଲ୍ ଇଭେଣ୍ଟରେ ୮୪.୧୪ମିଟର ସହ ଦ୍ୱିତୀୟ, ପ୍ୟାରିସ୍ ଡାଏମଣ୍ଡ୍ ଲିଗ୍‌ରେ ୮୮.୧୬ମିଟର ସହ ପ୍ରଥମ ଏବଂ ଓଷ୍ଟ୍ରାଭା ଗୋଲ୍ଡେନ ସ୍ପାଇକ୍ ଇଭେଣ୍ଟରେ ୮୫.୨୯ମିଟର ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଏହି ପ୍ରଦର୍ଶନ ବଳରେ ସେ ମାନ୍ୟତା ତାଲିକାରେ ଶୀର୍ଷ ସ୍ଥାନ ଫେରିପାଇଛନ୍ତି।

# କେବଳ ବୋଲିଂ ନୁହେଁ, ଫିଲ୍ଡିଂକୁ ନେଇ ବି ଚିନ୍ତା





ବର୍ମିଂହାମ: ଲିଡ୍‌ସରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତର ବୋଲିଂ ଦୁର୍ବଳତା ପୂରା ପଦାରେ ପଡ଼ିଥିଲା। ପାଗ, ପରିବେଶ ଓ ପିଚ୍ ସହ ସ୍କୋର୍ ବୋର୍ଡରେ ୩୭୦ ରନ୍ ଥିଲେ ମଧ ଭାରତ ଏହାକୁ ସୁରକ୍ଷିତ ରଖି ପାରି ନଥିଲା। ପ୍ରମୁଖ ବୋଲର ଯଶପ୍ରୀତ ବୁମ୍ରା ଦ୍ୱିତୀୟ ପାଳିରେ ନିଷ୍ପ୍ରଭ ରହିବା ପରେ ମହମ୍ମଦ ସିରାଜ, ଶାର୍ଦ୍ଦୁଳ ଠାକୁର ଓ ପ୍ରସିଦ୍ଧ କ୍ରିଷ୍ଣାକୁ ନିର୍ଦ୍ଧୁମ ଛେଚି ଶେଷ ଦିନରେ ଅତି ସହଜରେ ୩୭୧ ରନ୍ ସଂଗ୍ରହ କରି ନେଇଥିଲା। ଇଂଲଣ୍ଡ ବୁମ୍ରା ଉଭୟ ପାଳିରେ ୪୩.୪ ଓଭର ବୋଲିଂ କରିଥିଲେ। ଫଳରେ ସେ ଏବେ ବର୍ମିଂହାମରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟରେ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ବୁମ୍ରା ନିୟମିତ ଅଭ୍ୟାସ ନ କରିବା ମଧ ଦଳର ଚିନ୍ତା ବଢ଼ାଇଛି। ସେପଟେ ଲିଡ୍‌ସ ଟେଷ୍ଟରେ ୮ଟି କ୍ୟାଚ୍ ହାତଛଡ଼ା କରିବା ପରେ ଫିଲ୍ଡିଂ ମଧ ଟିମ୍ ଇଣ୍ଡିଆ ପାଇଁ ଆଉ ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି ବୋଲିଂ ସହ ଫିଲ୍ଡିଂ ନ ସୁଧାରିଲେ ବର୍ମିଂହାମ ଟେଷ୍ଟ ବ□ାଇବା ଶୁବମନ ଗିଲ୍‌ଙ୍କ ଯୁବ ଦଳ ପାଇଁ ଆହୁରି କଷ୍ଟକର ହେବ ବୋଲି ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର୍ ବ୍ରାଡ୍ ହାଡିନ୍ କହିଛନ୍ତି।

ବୁମ୍ରା ଜୁଲାଇ ୨ରୁ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ୍ ନ ଖେଳିଲେ, ବାମହାତୀ ଯୁବ ବୋଲର ଅର୍ଶଦୀପ ସିଂହ ତାଙ୍କ ସ୍ଥାନ ନେବାର ଯଥେଷ୍ଟ ସମ୍ଭାବନା ରହିଛି। ଶନିବାର ଅର୍ଶଦୀପ ବହୁସମୟ ଧରି ନେଟ୍‌ସରେ ଅଭ୍ୟାସ କରି ଏହାର ସଙ୍କେତ ଦେଇଛନ୍ତି। ସେପଟେ ବୁମ୍ରାଙ୍କ ସହ ପ୍ରଥମ ଟେଷ୍ଟ୍ ଖେଳିଥିବା ପ୍ରସିଦ୍ଧ କ୍ରିଷ୍ଣା ଆଜି ଅଭ୍ୟାସ କରି ନଥିଲେ। ଦିନିକିଆ କ୍ରିକେଟ୍‌ରେ ନିଜକୁ ସ୍ଥାପିତ କରିସାରିଥିବା ଅର୍ଶଦୀପ ଏପର୍ଯ୍ୟନ୍ତ ଟେଷ୍ଟ୍ କ୍ରିକେଟ୍ ଖେଳି ନାହାନ୍ତି। ବର୍ମିଂହାମରେ ସୁଯୋଗ ମିଳିଲେ ଇଂଲଣ୍ଡ ମାଟିରେ ଟେଷ୍ଟ୍ ପଦାର୍ପଣ କରିଥିବା ଭାରତୀୟ ବାମହାତୀ ବୋଲରଙ୍କ ହାତଗଣତି କ୍ଲବ୍‌ରେ ସାମିଲ ହେବେ। ସେ ବୁମ୍ରା ନ ଖେଳିଲେ ଭାରତର ସବୁଠାରୁ ଅଭିଜ୍ଞ ବୋଲର୍ ହେବେ ମହମ୍ମଦ ସିରାଜ (୩୭ ଟେଷ୍ଟ୍) ଲିଡ୍‌ସରେ ତାଙ୍କୁ ଖେଳିବାରେ ଇଂଲଣ୍ଡ କେଣସି ଅସୁବିଧାର ସମ୍ମୁଖୀନ ହୋଇ ନଥିଲା। ଭାରତୀୟ ଦଳରେ ଥିବା ଆକାଶ ଦୀପ ୭ ଟେଷ୍ଟ୍ ଖେଳିଥିଲା ବେଳେ ପ୍ରସିଦ୍ଧ ମାତ୍ର ୪ ଟେଷ୍ଟ୍ ଖେଳିଛନ୍ତି। ଅର୍ଶଦୀପ ଗୋଟିଏ ହେଲେ ବି ଟେଷ୍ଟ୍ ଖେଳି ନାହାନ୍ତ।ଏଭଳି ଏକ ଅନଭିଜ୍ଞ ଦ୍ରୁତ ବୋଲିଂ ବାହିନୀ ପାଇଁ ଭାରତ ବର୍ମିଂହାମରେ କଠିନ ପରୀକ୍ଷାର ସମ୍ମୁଖୀନ ହେବ ବୋଲିଂ ପ୍ରଶିକ୍ଷକ ମର୍ଣ୍ଣି ମର୍କେଲ ଏବଂ ମୁଖ୍ୟପ୍ରଶିକ୍ଷକ ଗେତମ ଗମ୍ଭୀର ଏକଥା ଜାଣି ନୁଥ। ରଣନୀତି ନେଇ ପଡ଼ିଆକୁ ଓହ୍ଲାଇବାକୁ ଯୋଜନା କରୁଥିବା ଜଣାପଡ଼ିଛି।

ଲିଡ୍‌ସ ଟେଷ୍ଟ୍‌ର ଉଭୟ ପାଳିରେ ଭାରତ ଦୃଢ଼ ସ୍ଥିତିରେ ଥାଇ ମଧ ବଡ଼ ସ୍କୋର୍ କରି ପାରି ନଥିଲା ନିମ୍ନ ଓ ମଧ୍ୟକ୍ରମ ବ୍ୟାଟର୍‌ମାନେ ପୂରା ବିଫଳ ହେବା ଏହାର ପ୍ରମୁଖ କାରଣ ଥିଲା ପ୍ରଥମ ପାଳିରେ ଭାରତ ୪୧ ରନ୍‌ରେ ଶେଷ ୭ଟି ଏବଂ ଦ୍ୱିତୀୟରେ ୩୧ ରନ୍‌ରେ ଅନ୍ତିମ ୬ିକେଟ୍ ହରାଇ ଇଂଲଣ୍ଡକୁ ମ୍ୟାଚ୍ ଜିତି ନେବାର ସୁଯୋଗ ଦେଇଥିଲା ବର୍ମିଂହାମରେ ଏହି ଦୁର୍ବଳତା ଦୂର କରିବା ଲାଗି ପ୍ରଶିକ୍ଷକ ଗେତମ ଗମ୍ଭୀର ଏବେଠୁ ପ୍ରୟାସ ଆରମ୍ଭ କରିଛନ୍ତି। ସେଥିପାଇଁ ଶନିବାର ବର୍ମିଂହାମରେ ମହମ୍ମଦ ସିରାଜ ବ୍ୟାଟିଂ ପ୍ରଶିକ୍ଷକ ସୀତାଂଶୁ କୋଟାକଙ୍କ ତତ୍ତ୍ୱାବଧାନରେ ଢେର୍ ସମୟ ନେଟ୍‌ସ କରୁଥିବା ଦେଖିବାକୁ ମିଳିଥିଲା। କୋଟାକ ତାଙ୍କୁ କିଛି ବ୍ୟାଟିଂ କେଶଳ ମଧ ଶିଖାଇଥିଲେ।ସେହିଭଳି ଅନ୍ୟ ବୋଲର୍‌ମାନେ ମଧ ବ୍ୟାଟିଂ ଅଭ୍ୟାସ କରିଥିଲେ। ସ୍ପିନର୍ କୁଲଦୀପ ଯାଦବଙ୍କ ଖେଳିବା ମଧ ଅନ୍ୟ ଏକ ପ୍ରଶ୍ନ ଭାବେ ଉଭା ହୋଇଛି।ଲିଡ୍‌ସରେ ରବୀନ୍ଦ୍ର ଜାଡ଼େଜା ସଂଘର୍ଷ କରିବା ପରେ କୁଲଦୀପଙ୍କୁ ଗିଲ୍ ଓ ଗମ୍ଭୀର ବର୍ମିଂହାମରେ ଖେଳାଇ ପାରନ୍ତି। ଏହା ହେଲେ ଶାର୍ଦ୍ଦୁଳ ଠାକୁର ଦଳରୁ ବାଦ୍ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି।

# ଅଡୁଆରେ ମୁଖ୍ୟ ପ୍ରଶିକ୍ଷକ ଡାରେନ ସାମି



ନୂଆଦିଲ୍ଲୀ, ୨୯।୬: ବାରବାଡୋସର ବ୍ରିଜଟାଉନରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆ ୱେଷ୍ଟଇଣ୍ଡିଜକୁ ୧୫୯ ରନରେ ପରାସ୍ତ କରି ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ୧-୦ ରେ ଆଗୁଆ ରହିଛି। ଏହି ଟେଷ୍ଟ ମ୍ୟାଚରେ ଅନେକ ବିବାଦୀୟ ନିଷ୍ପତ୍ତି ହୋଇଥିଲା, ଯାହା ୱେଷ୍ଟଇଣ୍ଡିଜ ଦଳକୁ କ୍ଷତି ପହ□ାଇଛି। ଦଳର ମୁଖ୍ୟ ପ୍ରଶିକ୍ଷକ ଡାରେନ ସାମିଙ୍କୁ ଥାର୍ଡ ଅମ୍ପାୟରଙ୍କ ଏହି ନିଷ୍ପତ୍ତି ଉପରେ ଅସନ୍ତୋଷ ପ୍ରକାଶ କରିବା ପାଇଁ ଦଣ୍ଡିତ କରାଯାଇଛି। ମୁଖ୍ୟ ପ୍ରଶିକ୍ଷକ ଭାବରେ ତାଙ୍କର ପ୍ରଥମ ଟେଷ୍ଟ ମ୍ୟାଚ ସମୟରେ, ସାମି ଅନେକ ନିଷ୍ପତ୍ତି ଉପରେ ଆପତ୍ତି କରିଥିଲେ, ଯେଉଁଥିପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତାଙ୍କ ଉପରେ ଜରିମାନା ଲଗାଇଛି।ଏହା ୪୮ ଘଣ୍ଟା ମଧ୍ୟରେ ୱେଷ୍ଟଇଣ୍ଡିଜ ଦଳକୁ ଦୁଇଗୁଣ ଝଟକା ଦେଇଛି।

ୱେଷ୍ଟଇଣ୍ଡିଜ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚରେ, ତୃତୀୟ ଅମ୍ପାୟର ଆଡ୍ରିଆନ ହୋଲ୍ଡଷ୍ଟକ ଦ୍ୱାରା ମୋଟ ୫ ଏପରି ନିଷ୍ପତ୍ତି ଦିଆଯାଇଥିଲା, ଯାହାକୁ ନେଇ ପ୍ରଶ୍ନ କରାଯାଇଥିଲା। ଏହି ନିଷ୍ପତ୍ତି ମଧ୍ୟରୁ ଚାରୋଟି ୱେଷ୍ଟଇଣ୍ଡିଜ ବିରୁଦ୍ଧରେ ଦିଆଯାଇଥିଲା। ୱେଷ୍ଟଇଣ୍ଡିଜ ମୁଖ୍ୟ ପ୍ରଶିକ୍ଷକ ଡାରେନ ସାମି ଏକ ଖବରଦାତା ସମ୍ମିଳନୀରେ ତୃତୀୟ ଅମ୍ପାୟରଙ୍କ ନାମ ନେଇ ଏହି ନିଷ୍ପତ୍ତିଗୁଡ଼ିକୁ ଟାର୍ଗେଟ କରିଥିଲେ।

ଏହା ପରେ ସାମିଙ୍କ ଉପରେ ୧୫ ପ୍ରତିଶତ ମ୍ୟାଚ ଫି ସହିତ ଡିମେରିଟ ପଏଣ୍ଟ ଜରିମାନା ଲଗାଇଛି ଏହା ବ୍ୟତୀତ, ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲର ଜାଡେନ ସିଲ୍ସଙ୍କ ଉପରେ ମଧ ମ୍ୟାଚ୍ ଫିର ୧୫% ଜରିମାନା ଲଗାଇଛି।

ସୂଚନାଯୋଗ୍ୟ, ମ୍ୟାଚ ପରେ, ଆୟୋଜକ ଦଳର ପ୍ରଶିକ୍ଷକ ଡାରେନ ସାମି ଖବରଦାତା ସମ୍ମିଳନୀରେ କହିଥିଲେ ଯେ ଭୁଲ ନିଷ୍ପତ୍ତି ଯୋଗୁ ମ୍ୟାଚର ଫଳାଫଳ ଆମ ବିପକ୍ଷରେ ଗଲା। ଯେତେବେଳେ କୌଣସି ବିଷୟରେ ସନ୍ଦେହ ଥାଏ, ସେତେବେଳେ ଏହା ଉପରେ ସ୍ୱର ଉଠାଇବା ଉଚିତ। ଯେତେବେଳେ ଆପଣ ଗୋଟିଏ ପରେ ଗୋଟିଏ ଏପରି ନିଷ୍ପତ୍ତି ଦେଖନ୍ତି, ସେତେବେଳେ ପ୍ରଶ୍ନ ଉଠିବା ନିଶ୍ଚିତ ସାମିଙ୍କ ବ୍ୟତୀତ ୱେଷ୍ଟଇଣ୍ଡିଜ ଅଧିନାୟକ ରୋଷ୍ଟନ ଚେଜ ମଧ ଅମ୍ପାୟରଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଥିଲେ।

# ଜାତୀୟ ଜଳକ୍ରୀଡ଼ା: କର୍ଣ୍ଣାଟକ ବିଜେତା, ଓଡ଼ିଶା ସପ୍ତମ





ଭୁବନେଶ୍ୱର,୨୭।୬: ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ୭୮ତମ ଜାତୀୟ ଜଳକ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଉଭୟ ପୁରୁଷ ଓ ମହିଳା ସହ ମୋଟ ଉପରେ କର୍ଣ୍ଣାଟକ ବିଜେତା ହେବାର ଗୌରବ ଅର୍ଜନ କରିଛି ଓଡ଼ିଶା ୬ (୧ ସ୍ୱର୍ଣ୍ଣ, ୨ ରେପ୍ୟ, ୩ କାଂସ୍ୟ) ପଦକ ସହ ସପ୍ତମରେ ଅଭିଯାନ ଶେଷ କରିଛି କର୍ଣ୍ଣାଟ୍କ ୧୬ ସ୍ୱର୍ଣ୍ଣ, ୧୧ ରେପ୍ୟ ଓ ୧୪ କାଂସ୍ୟ ସହ ୪୧ ପଦକ ପାଇଛି କର୍ଣ୍ଣାଟକର ଦୁଇ ଖେଳାଳି ସୋଆନ ଗାଙ୍ଗୁଲି ଓ ଧୀନିଧୀ ଦେସିଙ୍ଗୁ ୨ଟି ଲେଖାଏଁ ଜାତୀୟ କୀର୍ତ୍ତିମାନ କରିବା ସହ ଯଥାକ୍ରମେ ପୁରୁଷ ଓ ମହିଳା ବର୍ଗରେ ଶ୍ରେଷ୍ଠ ସ୍ୱିମର୍ ହୋଇଛନ୍ତି।ଏହି ୫ ଦିନିଆ ପ୍ରତିଯୋଗିତାରେ ୧୪ ଜାତୀୟ କୀର୍ତ୍ତିମାନ ଦେଖିବାକୁ ମିଳିଛି।

ଶେଷ ଦିନରେ ଓଡ଼ିଶାକୁ ୨ ପଦକ ଭେଟି ଦେଇଥିଲେ ମନ୍ନତା ମିଶ୍ର ଓ ପ୍ରତ୍ୟାଶା ରାୟ। ମନ୍ନତା ରେପ୍ୟ ଓ ପ୍ରତ୍ୟାଶା କାଂସ୍ୟ ପାଇଥିଲେ। ମହିଳା ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ମନ୍ନତା (୧:୧୫.୫୭) ଦ୍ୱିତୀୟରେ ରହିଥିଲେ। ଏହି ସମାନ ସମୟରେ ରେସ୍ ଶେଷ କରିଥିବା ମହାରାଷ୍ଟ୍ରର ସାନ୍‌ଭୀ ଦେଶାଲଙ୍କ ସହ ମନ୍ନତା ଯୁଗ୍ମ ଭାବେ ରୌପ୍ୟ ବିଜୟିନୀ ହୋଇଥିଲେ। ଆର୍‌ଏସ୍‌ପିବିର ହର୍ଷିତା ଜୟରାମ (୧:୧୩.୨୪) ସ୍ୱର୍ଣ୍ଣ ପାଇଥିଲେ। ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ (୧:୧୫.୭୨) ଚତୁର୍ଥରେ ରହି ଅଳ୍ପକେ ପଦକରୁ ବ□ିତ ହୋଇଥିଲେ। ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶା (୧:୦୫.୬୪) ତୃତୀୟ ସ୍ଥାନରେ ରହିଥିଲା ବେଳେ କର୍ଣ୍ଣାଟକର ବିହିତା ନୟନା ଲୋଗନାଥନ (୧:୦୫.୧୮) ସ୍ୱର୍ଣ୍ଣ ଏବଂ ବେଙ୍ଗଲର ସେବ୍ରିତି ମଣ୍ଡଲ (୧:୦୫.୧୯) ରେପ୍ୟ ଜିତିଥିଲେ। ଶେଷ ଦିନରେ ଗୋଟିଏ ଜାତୀୟ କୀର୍ତ୍ତିମାନ ହୋଇଥିଲା ପୁରୁଷ ୪୦୦ ମିଟର ମିଡ୍‌ଲେରେ ଅର୍ଯ୍ୟନ ନେହେରା (୪:୨୫.୬୨)ଙ୍କ ନାମରେ ଥିବା ଜାତୀୟ କୀର୍ତ୍ତିମାନକୁ କର୍ଣ୍ଣାଟକର ସୋଆନ ଗାଙ୍ଗୁଲି (୪:୨୪.୬୪) ଭାଙ୍ଗିଥିଲେ।

ସୂଚନାଯୋଗ୍ୟ ଯେ ଏହି ପ୍ରତିଯୋଗିତାରେ ଓଡ଼ିଶାର ୭ ଲେଖାଏଁ ପୁରୁଷ ଓ ମହିଳା ଖେଳାଳି ଭାଗନେଇଥିଲେ। ପୁରୁଷ ଖେଳାଳି ବିଫଳ ହୋଇଥିଲା ମହିଳା ଖେଳାଳି ଓଡ଼ିଶା ପାଇଁ ସମସ୍ତ ପଦକ ଜିତିଥିଲେ।

ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଫିନା ବ୍ୟୁରୋ ସଦସ୍ୟ ତଥା ଏସୀୟ ଆକ୍ୱାଟିକ୍ ଫେଡେରେସନ୍ ସଭାପତି ବୀରେନ୍ଦ୍ର ନାନାବତୀ, କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଯୁଗ୍ମସଚିବ ସୋନାଲି ଚନ୍ଦ, ଅମିତ କୁମାର ନାଏକ, ଓଏସ୍‌ଡି ଧୀରାଜ କୁମାର ପଟ୍ଟନାୟକ, ଭାରତୀୟ ସନ୍ତରଣ ମହାସଂଘ ସମ୍ପାଦକ ମୋନାଲ ଚୋକ୍‌ସି ଏବଂ ଉପସଭାପତି ବଳଦେବ ରାଜ ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ପନ୍ତଙ୍କୁ ଚେତାବନୀ ଦେଲେ ସର୍ଜନ

ନୂଆଦିଲ୍ଲୀ: ଭାରତୀୟ ୱିକେଟ୍ କିପର ବ୍ୟାଟର ଋଷଭ ପନ୍ତ ଆଇପିଏଲ୍ ଓ ଟେଷ୍ଟରେ ଶତକ ହାସଲ ପରେ କଳାବାଜି ପ୍ରଦର୍ଶନ କରିଥିଲେ। ତାଙ୍କର ଏହି ସେଲିବ୍ରେସନ କ୍ରିକେଟ୍ ଜଗତରେ ବେଶ ଚର୍ଚ୍ଚାର ବିଷୟ ପାଲଟିଥିଲା। କିନ୍ତୁ ଏବେ ପନ୍ତଙ୍କ ଚିକିତ୍ସା କରିଥିବା ଡ. ଦିନଶା ପାରଦିୱାଲା ଏହି ୱିକେଟ୍ କିପର ବ୍ୟାଟରଙ୍କୁ ବଡ଼ ଚେତାବନୀ ଦେଇଛନ୍ତି। ପାରଦିୱାଲା କହିଛନ୍ତି, ପନ୍ତଙ୍କୁ ଏମିତି ଉତ୍ସବ ପାଳନ କରିବାର କୌଣସି ଆବଶ୍ୟକତା ନାହିଁ। କାରଣ ଏହି ଧରଣର ଶୈଳୀ ଆଣ୍ଠୁ ଓ ଅଣ୍ଟାରେ ବହୁତ ଚାପ ପକାଇଥାଏ।ଯଦି ଏମିତି ବାରମ୍ବାର କରାଯାଏ। ତେବେ ଦୁର୍ବଳ ଜଏଣ୍ଟରେ ପୁଣି ଥରେ ଆଘାତ ଲାଗିପାରେ। ଏମିତି କଳା କୌଶଳରୁ ଛୋଟ ତ୍ରୁଟି ସବୁ। ପନ୍ତ୍ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହେବା ପରେ ଦୀର୍ଘ ସମୟ ଧରି ପେଶାଦାର କ୍ରିକେଟ୍‌ରୁ ଦୂରେଇ ରହିଥିଲେ। ତାଙ୍କ ଗୋଡ଼ରେ ଗମ୍ଭୀର ଆଘାତ ଲାଗିଥିଲା। ପରେ ପାରଦିୱାଲା ପନ୍ତଙ୍କ ଆଣ୍ଠୁର ଲିଗାମେଣ୍ଟର ଅସ୍ତ୍ରୋପଚାର କରିଥିଲେ

### ଇଂଲଣ୍ଡ - ଭାରତ ମହିଳା ପ୍ରଥମ ଟି-ଟ୍ୱେଣ୍ଟି

# ମନ୍ଧନାଙ୍କ ଶତକ,୯୭ ରନ୍‌ରେ ହାରିଲା ଘରୋଇ ଟିମ୍



ନଟିଂହାମ,୨୯/୦୬: ଘରୋଇ ଇଂଲଣ୍ଡ ଓ ଭାରତ ମହିଳା ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟି-ଟ୍ୱେଣ୍ଟି ମୁକାବିଲାରେ ଭାରତ ୯୭ ରନ୍‌ରେ ବିଶାଳ ବିଜୟ ହାସଲ କରିଛି ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦଳ ୫ ୱିକେଟ୍ ବିନିମୟରେ ୨୧୦ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୧୪.୫ ଓଭରରେ ୧୧୩ ରନ କରି ଅଲ୍ ଆଉଟ୍ ହୋଇ ଯାଇଥିଲା।

ଆହତ ହର୍ମନପ୍ରୀତ କୌରଙ୍କ ଅନୁପସ୍ଥିତିରେ ଭାରତୀୟ ଦଳର ନେତୃ ନେଇଥିବା ସ୍ମୃତି ମନ୍ଧନା ଶତକ ଅର୍ଜନ କରି ବିରଳ ରେକର୍ଡ ସ୍ଥାପନ କରିବା ସହ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ପ୍ରଥମ ଭାରତୀୟ ବ୍ୟାଟର ଭାବେ ୩ଟି ଯାକ ଫର୍ମାଟ୍‌ରେ ଶତକ ଅର୍ଜନ କରିବାରେ ରେକର୍ଡ କରିଥିଲେ କେବଳ ସେତିକି ନୁହେଁ, ଭାରତୀୟ ଭାବେ ସେ ଟି-ଟ୍ୱେଣ୍ଟି ଫର୍ମାଟ୍‌ରେ ସର୍ବବୃହତ୍ ଇନିଂସ ଖେଳିବାରେ ହର୍ମନପ୍ରୀତଙ୍କ ରେକର୍ଡ ଭାଙ୍ଗିଥିଲେ। ଏହାପରେ ପଦାର୍ପଣ ମ୍ୟାଚ୍ ଖେଳିଥିବା ୨୦ବର୍ଷୀୟା ଶ୍ରୀ ଚରଣୀ ୧୨ ରନ୍‌ରେ ୪ଟିିକେଟ୍ ନେଇ ଇଂଲଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେବା ଘରୋଇ ଦଳ ପାଇଁ ମହଙ୍ଗା ପଡ଼ିଥିଲା ଭାରତର ଦୁଇ ଓପନର ଶେଫାଳି ବର୍ମା ଓ ମନ୍ଧନା ଆକ୍ରମଣାତ୍ମକ ବ୍ୟାଟିଂ କରି ୭୭ ରନ୍ ସଂଗ୍ରହ କରିଥିଲେ ଶେଫାଳି ୨୦ ରନ କରି ପ୍ରଥମେ ଆଉଟ୍ ହୋଇଥିଲେ ମାତ୍ର ମନ୍ଧନାଙ୍କୁ ଅଟକାଇବାରେ ଇଂଲଣ୍ଡ ବୋଲର ବିଫଳ ହୋଇଥିଲେ ସେ ଚୌକା ଓ ଛକା ବର୍ଷା କରି ଶତକ ଅର୍ଜନ କରିବା ଫଳରେ ଦଳୀୟ ସ୍କୋର ୨୧୦ରେ ପହ□ଥିଲା ସେ ୬୨ଟି ବଲ୍‌ର ସାମ୍ନା କରି ୧୫ଟି ଚୌକା ଓ ୩ଟି ଛକା ବଳରେ ୧୧୨ ରନ ସଂଗ୍ରହ କରିଥିଲେ। ସୂଚନାଯୋଗ୍ୟ, ବିଶ୍ୱର ପ□ମ ମହିଳା ବ୍ୟାଟର ଭାବେ ମନ୍ଧନା ୩ଟି ଯାକ ଫର୍ମାଟ୍‌ରେ ଶତକ ଅର୍ଜନ କରିଛନ୍ତି। ତାଙ୍କ ପୂର୍ବରୁ ହିଥର ନାଇଟ୍, ଟାମି ବ୍ୟୁମୋଣ୍ଟ, ଲାଉରା ଉଲଭର୍ଟ ଓ ବେଥ ମୁନି ଏହି ସଫଳତା ଅର୍ଜନ କରିଛନ୍ତି ଅନ୍ୟ ମାନଙ୍କ ମଧ୍ୟରେ ହର୍ଲିନ ଦେଓଲ ୭ ଚୌକା ବଳରେ ୪୩ ରନ କରିଥିବାବେଳେ ରିଚା ଘୋଷ ୧୨ ରନ କରିଥିଲେ ଇଂଲଣ୍ଡ ପକ୍ଷରୁ ଲାଉରେନ ବେଲ୍ ୩ଟିିକେଟ ନେଇଥିଲେ।

ଜବାବରେ ଇଂଲଣ୍ଡ ପ୍ରାରମ୍ଭରୁ ବିପର୍ଯ୍ୟୟର ସାମ୍ନା କରିଥିଲା ଓପନର ଡାନି ।ଟ୍ ଖାତା ଖୋଲି ପାରିନଥିବାବେଳେ ଶୋଫିଆ। ଡଙ୍କଲି ମାତ୍ର ୭ ରନ କରି ପାଭିଲିୟନ ଫେରିଥିଲେ। ୯ ରନ୍‌ରେ ଓପନିଂ ଯୋଡ଼ିଙ୍କୁ ହରାଇବା ପରେ ଇଂଲଣ୍ଡ ବିପର୍ଯ୍ୟୟରୁ ମୁକୁଳି ପାରି ନଥିଲା କେବଳ ଅଧିନାୟିକା ନାଟାଲି ସ୍କିଭର-ବ୍ରଣ୍ଟଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଭାରତୀୟ ବୋଲରଙ୍କ ସାମ୍ନା କରିପାରି ନଥିଲେ। ସ୍କିଭର-ବ୍ରଣ୍ଟ ୧୦ ଚୌକା ବଳରେ ସର୍ବାଧିକ ୬୬ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ ଆର୍ଲଟ୍ ୧୨ ଓ ଟାମି ବ୍ୟୁମୋଣ୍ଟ ୧୦ ରନ କରିଥିଲେ ବାକି ୮ ବ୍ୟାଟର ୨ଅଙ୍କ ଛୁଇଁ ପାରି ନଥିଲେ ଭାରତ ପକ୍ଷରୁ ଶ୍ରୀ ଚରଣୀଙ୍କ ୪ିକେଟ ବ୍ୟତୀତ ଦୀପ୍ତି ଶର୍ମା ଓ ରାଧା ଯାଦବ ୨ଟି ଲେଖାଏଁକେଟ୍ ନେଇଥିଲେ।

# ହୃଦଘାତରେ ବ୍ୟାଟରଙ୍କ ଜୀବନ ଗଲା

ନୂଆଦିଲ୍ଲୀ: ସୋସିଆଲ ମିଡିଆରେ ଏକ ହୃଦୟ ବିଦାରକ ଭିଡିଓ ସାମ୍ନାକୁ ଆସିଛି ଜଣେ କ୍ରିକେଟର ପଡ଼ିଆରେ ମୃତ୍ୟୁବରଣ କରିଛନ୍ତି ଏହି ଘଟଣା ପଞ୍ଜାବର ଫିରୋଜପୁରରେ ଘଟିଛି ଜଣେ ବ୍ୟାଟର ଛକା ମାରିବାର କିଛି ମୁହୂର୍ତ୍ତ ପରେ ପିଚ୍ ଉପରେ ପଡ଼ିଯାଇଥିଲେ ସେଠାରେ ଉପସ୍ଥିତ ଅନ୍ୟ ଖେଳାଳିମାନେ ସିପିଆର ଦେବାକୁ ଚେଷ୍ଟା କରିଥିଲେ, କିନ୍ତୁ ତାଙ୍କୁ ବ□ାଇ ପାରିନଥିଲେ ମୃତ ଖେଳାଳିଙ୍କ ନାମ ହରଜିତ ସିଂହ ବୋଲି କୁହାଯାଉଛି ସେ ଫିରୋଜପୁରର ବାସିନ୍ଦା ଥିଲେ। ଏହି ମ୍ୟାଚ୍ ସ୍କୁଲ ପଡ଼ିଆରେ ଖେଳାଯାଉଥିଲା। ବ୍ୟାଟର ପ୍ରଥମେ ଛକା ମାରିଥିଲେ। ତାପରେ ସେ ତାଙ୍କ ସାଥୀ ବ୍ୟାଟରଙ୍କ ପାଖକୁ ଆସି ପିଚ୍ ମଝିରେ ଆଣ୍ଠୁ ମାଡ଼ି ବସିଥିଲେ। ମାତ୍ର କିଛି ମୁହୂର୍ତ୍ତ ପରେ ସେ ତଳେ ପଡ଼ି ଯାଇଥିଲେ।ତାଙ୍କୁ ବ□ାଇବାକୁ ବହୁ ଉଦ୍ୟମ କରାଯାଇଥିଲେ ବି ବିଫଳ ହୋଇଥିଲେ। ୨୦୨୪ ମସିହାରେ ମଧ ସମାନ ଏକ ମାମଲା ସାମ୍ନାକୁ ଆସିଥିଲ।। ପୁଣେରେ ଇମ୍ରାନ ପଟେଲ ନାମକ ଜଣେ ଖେଳାଳିଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ସେ ପାଭିଲିୟନ ଆଡ଼କୁ ଯାଉଥିବା ବେଳେ ସେ ତଳେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା।

# ବୋଲର ଶାମରଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ



ନୂଆଦିଲ୍ଲୀ: ୱେଷ୍ଟଇଣ୍ଡିଜର ଦ୍ରୁତ ବୋଲର ଶାମର ଜୋସେଫଙ୍କ ବିରୋଧରେ ଆସିଛି ସଙ୍ଗୀନ ଅଭିଯୋଗ ତାଙ୍କ ବିରୋଧରେ ଦୁଷ୍କର୍ମ, ଯୌନ ନିର୍ଯାତନା, ଉତ୍ପୀଡ଼ନ ଏବଂ ପ୍ରଲୋଭନର ଅଭିଯୋଗ ଆଣିଛନ୍ତି ୧୧ ମହିଳା। ଗୁୟାନାର କାଇଟିଉର ନ୍ୟୁଜର ଏକ ରିପୋର୍ଟରେ ଏହା ପ୍ରକାଶ ପାଇଛି।

ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ଜୋସେଫ ଜବରଦସ୍ତ ପ୍ରଦର୍ଶନ କରିଥିଲେ ବାରବାଡୋସ ଟେଷ୍ଟରେ ସେ ୯ଟି ିକେଟ ନେଇଥିଲେ। ରକେଟ ବୋଲିଂ କରି ସେ ବେଶ ଚର୍ଚ୍ଚାକୁ ଆସିଥିଲେ। କିନ୍ତୁ ଜୋସେଫଙ୍କ ବିରୋଧରେ ଏପରି ଅଭିଯୋଗ ଆସିବା ପରେ କ୍ରିକେଟ କ୍ୟାରିୟରକୁ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି କରିଛି।।ରିପୋର୍ଟ ଅନୁସାରେ, ପୀଡିତମାନଙ୍କ ମଧ୍ୟରୁ ଜଣେ ୧୮ ବର୍ଷୀୟା ଯୁବତୀ ୨୦୨୩ରେ ବର୍ବାଇସର ନ୍ୟୁ ଆମଷ୍ଟରଡାମରେ ତାଙ୍କ ବାସଭବନରେ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି। ପରିବାର ଅନୁଯାୟୀ, ଶାମର ତାଙ୍କୁ 'ସାମାଜିକ ସେବା' ବାହାନାରେ ଉଠାଇ ନେଇଥିଲେ। ସେଠାରେ ବଳପୂର୍ବକ ବଳାତ୍କାର କରିଥିଲେ। ମାମଲାକୁ ଚପାଇବା ପାଇଁ ଚେଷ୍ଟା କରୁଥିବା ଅଭିଯୋଗ ମଧ କରିଛନ୍ତି।

ଖବର ପ୍ରକାଶିତ ହେବା ପରେ, ଅଧିକ ମହିଳା ଆଗକୁ ଆସି ଜୋସେଫ ବିରୋଧରେ ଅଭିଯୋଗ କରିଥିଲେ।ଏପରିକି ସ୍କ୍ରିନସଟ୍, ଭଏସ୍ ନୋଟ୍, ଡାକ୍ତରୀ ମାଇନା ରିପୋର୍ଟ ଏବଂ ଟେକ୍ସଟ୍ ମେସେଜର ପ୍ରମାଣ ଦେଇଥିଲେ ପୀଡିତାମାନଙ୍କ ମଧ୍ୟରୁ ଜଣେ ଏହା ମଧ ରିପୋର୍ଟ କରିଛନ୍ତି ଯେ ଶାମର ମାମଲା ସମାଧାନ ପାଇଁ ଟଙ୍କା ପ୍ରଦାନ କରିଥିଲେ କିନ୍ତୁ ପରିବାର ମନା କରିଥିଲେ।

ତଥାପି ନୂଆ। ଅଭିଯୋଗ ଉପରେ ମାମଲା ରୁଜୁ ହୋଇନାହିଁ।କିନ୍ତୁ ରିପୋର୍ଟରେ ଦାବି କରାଯାଇଛି ଯେ କମ୍ ବୟସର ଜଣେ ଯୁବତୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଶାମରଙ୍କୁ ଗିରଫ କରାଯାଇଥିଲା। ଏହା ବ୍ୟତୀତ ଅଷ୍ଟ୍ରେଲିଆ ବିପକ୍ଷରେ ୱେଷ୍ଟଇଣ୍ଡିଜର ପ୍ରଥମ ଟେଷ୍ଟ ସମୟରେ ଏହି ଅଭିଯୋଗଗୁଡ଼ିକୁ ସାର୍ବଜନୀନ କରାଯାଇଥିଲା। ୱେଷ୍ଟଇଣ୍ଡିଜ କ୍ରିକେଟ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚାପ ପଡିଥିଲା।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ